# ସ୍ୱର ଉପସ୍ଥାପନ ପାଇଁ ଯୋଜନା

## ସ୍ୱର ଏବଂ ପ୍ରତିନିଧିତ୍ୱ ପାଇଁ ଗୋଟିଏ ଦକ୍ଷତା ପ୍ରଶିକ୍ଷଣ  ପୁସ୍ତିକା

ଅକ୍ଟୋବର 2023


ଦ୍ୱାରା ପ୍ରସ୍ତୁତ

ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ସଂସ୍ଥା



CGIAR INITIATIVE ON Gender Equality

CGIAR INITIATIVE ON National Policies and Strategies




Photo credit: UN Women/Gaganjit Singh (2012), Creative Commons License
Caption: Women building a pond to assist in farming and water storage in Madhya Pradesh

# ସୂଚୀପତ୍ର


1. ପରିଚୟ.................................................................................... 01

2. ମୋଡ୍ୟୁଲ ର  ବିବରଣୀ.................................................................... 07

3. ବିଷୟଗୁଡିକ କିପରି ପ୍ରକାଶ କରିବ............................................... 09

4. ଭିଡିଓ  ଚିତ୍ର ଏବଂ ଆଲୋଚନା ମୋଡ୍ୟୁଲ......................................... 13

A) ମନରେଗା ବିଷୟରେ  ସୂଚନା ................................................. 15

B) ଭିଡିଓ ର ଚିତ୍ର............................................................................ 19

C) ଭିଡିଓ ବିଷୟରେ ଆଲୋଚନା ................................................. 21

5. ଦକ୍ଷତା ମୋଡ୍ୟୁଲ............................................................................ 25

D) ସାମାଜିକ ନକ୍ସା......................................................................... 27

E) ଲକ୍ଷସ୍ଥଳରେ ପହଞ୍ଚିବା ବ୍ୟବସ୍ଥା.................................................. 31

F) ଅଭିନୟ...................................................................................... 35

# 1 ପରିଚୟ

ଜଳବାୟୁ ଉପରେ ପ୍ରଭାବ ପକାଉନଥିବା ,ପରିବର୍ତନ ନହେବା ପାଇଁ ଉଦିଷ୍ଟ ଆସେଟ ଗୁଡିକୁ ଦାବି କରିବାରେ ମହିଳା ମାନଙ୍କ ସ୍ୱର ଏବଂ ଭାଗୀଦାରୀ କୁ ବୃଦ୍ଧି କରିବା ପାଇଁ ଏକ ପଦକ୍ଷେପ / ଉଦ୍ୟମ

ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ଅନୁଷ୍ଠାନ ( ଇଫ୍ରି ), ହେଉଛି ବିଶ୍ୱ ପରମର୍ଶଦାତା ଗୋଷ୍ଠୀ ର ଆନ୍ତର୍ଜାତିକ କୃଷି ଗବେଷଣା ସଂସ୍ଥା ଅନ୍ତର୍ଗତ ଏକ ଗବେଷଣା ସଂସ୍ଥା (ସି ଜି ଆଇ ଏ ଆର)। ସମଗ୍ର ବିଶ୍ବରେ ଦୀର୍ଘଦିନ ଧରି ଲୀଙ୍ଗଗତ ଗବେଷଣା କରିଆସୁଥିବା ଏହି ସଂସ୍ଥା ବର୍ତମାନ ଗରିବୀ ଦୂରୀକରଣ କରିବା ପାଇଁ, , ଖାଦ୍ଯାଭାବ ଦୂରକରିବା ପାଇଁ ଏବଂ କୁପୋଷଣ କମ କରିବା ପାଇଁ ଲକ୍ଷ ରଖି କାମ କରୁଅଛି । ବିଗତ ଦୁଇ ଦଶନ୍ଧି ଧରି ଲିଙ୍ଗଗତ ପ୍ରଭେଦ ଉପରେ ଇଫ୍ରି ନିରନ୍ତର ପ୍ରୟାସ ଯାରି ରଖିଛି ତଥା ସମସ୍ତ କ୍ଷେତ୍ରର ଗବେଷଣା ଫଳପ୍ରଦ ଭାବରେ କାର୍ଯ୍ୟ କରୁଅଛି । ସାରା ବିଶ୍ବରେ ଲିଙ୍ଗଗତ ପ୍ରଭେଦ ଉପରେ ନେତୃତ୍ଵ ନେଇ ଇଫ୍ରି ର ଭୂମିକା ପ୍ରଶଂସନୀୟ । ଇଫ୍ରି ଯେତେ ଭଲକାମ କରିଛି ତାହାର ବହୁତ ପ୍ରମାଣ ମଧ୍ୟ ରହିଛି ।

ବିଶ୍ୱ ପରମର୍ଶଦାତା ଗୋଷ୍ଠୀ ର ଆନ୍ତର୍ଜାତିକ କୃଷି ଗବେଷଣା ସଂସ୍ଥା (ସି ଜି ଆଇ ଏ ଆର) ର ଆକଳନ ଅନୁସାରେ **ଇଫ୍ରି** ଲିଙ୍ଗଗତ ପ୍ରଭେଦ ଉପରେ ଅତି ଉଚମାନର ବଳିଷ୍ଠ ଗବେଷଣା ପାଇଁ ପ୍ରତିସୂତିବଦ୍ଧ । ବିଶ୍ୱ ପରମର୍ଶଦାତା ଗୋଷ୍ଠୀ ର ଆନ୍ତର୍ଜାତିକ କୃଷି ଗବେଷଣା ସଂସ୍ଥା ( ସି ଜି ଆଇ ଏ ଆର ) ଲିଙ୍ଗଗତ ସମାନତା ର ପ୍ରଭାବ ପାଇଁ ପ୍ରତିସୂତିବଦ୍ଧ ଏବଂ ବିଶ୍ୱର ସମସ୍ତ **ସି ଜି ଆଇ ଏ ଆର** କେନ୍ଦ୍ରରେ ଗବେଷଣା ସଂଯୋଜକ ମାନେ ଏହାକୁ ଦକ୍ଷତାର ସହ କାର୍ଯ୍ୟକାରୀ କରନ୍ତି । ଲିଙ୍ଗଗତ ସମାନତା ପାଇଁ ସମସ୍ତ ଗବେଷଣକାରୀ ମାନେ ମିଳିମିଶି ଲଗାତର ଭାବେ / ନିରବଛିନ୍ନ ଭାବେ ଅଂଶୀଦାର ସଂସ୍ଥା ମାନଙ୍କ ସହାୟତା ରେ ଦକ୍ଷତାବୃଦ୍ଧି ପାଇଁ କାମ କରୁଛନ୍ତି ଏବଂ **ସି ଜି ଆଇ ଏ ଆର** ନିର୍ଦେଶ ଅନୁସାରେ ଲିଙ୍ଗଗତ ସମାନତା ପାଇଁ ଅଧିକ ପ୍ରଭାବ ପକାଉଛନ୍ତି ଯାହାଦ୍ୱାରା ଯୁବକ ଯୁବତୀ ଙ୍କ ପାଇଁ କୃଷି ଏବଂ ଖାଦ୍ୟ ବ୍ୟବସ୍ଥା ରେ ସେମାନଙ୍କ ପାଇଁ ସୁଯୋଗ ଆଣିଦେବ ।

ଲିଙ୍ଗଗତ ସମାନତା ପାଇଁ **ଇଫ୍ରି** ମୋଡୁଲ ( କାର୍ଯ୍ୟାବଳି / ନିର୍ଦେସାବଳୀ ) ପ୍ରସ୍ତୁତ କରିବା ପଦ୍ଧତିର ବିକାଶ କରିବାରେ ,ପରିଚାଳନା କରିବାରେ ଏବଂ ପ୍ରଶ୍ନାବଳୀ, ନିର୍ଦେସାବଳୀ ର ପ୍ରଚାର ପ୍ରସାର କରିବା ଏବଂ ଲିଙ୍ଗଗତ ସମାନତା ଉପରେ ସୂଚନା ସଂଗ୍ରହ କରିବା ରେ ନେତୃତ୍ଵ ନେଇ ରାସ୍ତା ଦେଖାଏ । ସମ୍ଭବତଃ କୃଷି କ୍ଷେତ୍ରରେ **(WEAI)** ମହିଳା ମାନଙ୍କୁ ସଶକ୍ତିକରଣ କରିବାପାଇଁ 2012

ମସିହାରେ **ୟୁସେଡ଼ (USAID )** ଇଫ୍ରି ଏବଂ ଅକ୍ସଫୋର୍ଡ ରେ ଦାରିଦ୍ର୍ୟ ଏବଂ ମାନବ ବିକାଶ ପାଇଁ ଗବେଷକ ନିଯୁକ୍ତି କରିଥିଲା ଏବଂ କୃଷି କ୍ଷେତ୍ରରେ ମହିଳା ସଶକ୍ତିକରଣ / ଭାଗିଦାରି କେତେ ତାହା ମାପିବା ପାଇଁ ଗୋଟିଏ ପ୍ରଶ୍ନାବଳୀ ତିଆରି କରିଥିଲା l ଗତ 11 ବର୍ଷ ମଧ୍ୟରେ ଏହି ପ୍ରଶ୍ନାବଳୀ ଟି 60 ଟି ଦେଶର 249 ଟି ସଂସ୍ଥା ମହିଳା ମାନଙ୍କ ସଶକ୍ତିକରଣ ମାପିବା ପାଇଁ ବ୍ୟବହାର କରାଯାଇଅଛି ଏବଂ ଇଫ୍ରି ର ଗବେଷକ ମାନେ ମହିଳାମାନଙ୍କର ବିଭିନ୍ନ କ୍ଷେତ୍ରରେ ସଶକ୍ତି କରଣ ପାଇଁ ବିଭିନ୍ନ ପ୍ରକାର ନୀତି ଏବଂ ଯୋଜନା ମାଧ୍ୟମରେ ସଫଳତାର ମୂଲ୍ୟାଙ୍କନ କରିଛନ୍ତି l

**ସି ଜି ଆଇ ଏ ଆର** ର ଗବେଷଣା ପାଇଁ ଦୁଇଟି ପଦକ୍ଷେପ/ ଉଦ୍ୟମ – ଲିଙ୍ଗଗତ ସମାନତା ଏବଂ ଜାତୀୟ ନୀତି ଏବଂ ରଣନୀତି ---- ଉଭୟ ପଦକ୍ଷେପ ମାଧ୍ୟମରେ, ଗାଁରେ / ଗୋଷ୍ଠୀରେ ମହିଳା ମାନଙ୍କ ଭିତରେ ସେମାନଙ୍କର ବିଭିନ୍ନ ଦାବି/ ସ୍ୱର କୁ ସର୍ବସାଧାରଣ ସମୁଖରେ ଉପସ୍ଥାପନ କରିବାର ଇଚ୍ଛାଶକ୍ତି କୁ ଜାଗ୍ରତ କରାଇବାର ଯୋଜନା ର ମୂଲ୍ୟାଙ୍କନ କରିବେ l ନିର୍ଦ୍ଦିଷ୍ଟ ଭାବେ ତାଲିମ ପୁସ୍ତିକା ଟି ଭାରତ ରେ ମହାତ୍ମାଗାନ୍ଧି ନରେଗା ଯୋଜନା ରେ କରାଯାଉଥିବା ବିଭିନ୍ନପ୍ରକାର ବ୍ୟକ୍ତିଗତ ଆସେଟ ଏବଂ ଗାଁ ଲୋକ/ ନିଭିନ୍ନ ଗୋଷ୍ଠୀ ର ଲୋକଙ୍କ ପାଇଁ ମିଳୁଥିବା ଆସେଟ ଗୁଡିକ ସେମାନେ କିପରି ପାଇବେ ଏବଂ ତାଙ୍କର ଲକ୍ଷ ହାସଲ କରିବେ ତାହା ବର୍ଣନା କରାଯାଇଅଛି l ମହାତ୍ମାଗାନ୍ଧି ନରେଗା ଯୋଜନା ହେଉଛି ଏକ ନିଶ୍ଚିତ କର୍ମଯୋଗାଣ ଯୋଜନା l ଏହା ଗ୍ରାମୀଣ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି ଯାହା ଦ୍ୱାରା ଗାଁ ର ଅଣ କୁଶଳୀ ଶ୍ରମିକ ମାନଙ୍କୁ ଗାଁ ର ଦୀର୍ଘସ୍ଥାଇ ସମ୍ପତି / ଆସେଟ ନିର୍ମାଣ କରିବାରେ ନିର୍ଦ୍ଦିଷ୍ଟ ମଜୁରି ସହିତ କିଛି ଦିନ କାମ ଯୋଗାଇଦିଆଯାଏ ଏବଂ ଯେଉଁ ଦିର୍ଘସ୍ଥାୟୀ ଆସେଟ ଟି ନିର୍ମାଣ କରାଯାଇଥାଏ ତାହା ଲୋକମାନଙ୍କର ବ୍ୟକ୍ତିଗତ କିମ୍ବା ଗାଁ ଲୋକମାନଙ୍କର ଜୀବନ ଧାରଣ ପାଇଁ ବହୁତ ସାହାଜ୍ଯ ରେ ଆସେ l ମହାତ୍ମାଗାନ୍ଧି ନରେଗା ଯୋଜନାର ର ମୂଳ ଉଦ୍ଦେଶ୍ୟ ହେଲା ଗାଁ ଲୋକ ମାନଙ୍କ ପାଇଁ ଯେଉଁ ଆସେଟ ଆବଶ୍ୟକ ସେ ବିଷୟରେ ଗାଁ ସଭାରେ ଭାଗ ନେଇ ପ୍ରସ୍ତାବ ଉପସ୍ଥାପନ କରିବା ଏବଂ କେଉଁ ଆସେଟ ନିର୍ମାଣ କରାଯିବ ସେ ବିଷୟରେ ନିସ୍ପତି ନେବା l

ପ୍ରଥମ ପଦକ୍ଷେପ ସ୍ୱରୂପ 2023 ମସିହା ରେ କରାଯାଇଥିବା ବେଶଲାଇନ ଆକଳନ ଅନୁସାରେ ଏହି ତାଲିମ ପୁସ୍ତିକା ଟି ପ୍ରସ୍ତୁତ କରଯାଇଥିଲା l ଏହି ଆକଳନ ଅନୁସାରେ ନରେଗା ଯୋଜନାରେ କରାଯାଉଥିବା ବିଭିନ୍ନ ଆସେଟ ବିଷୟରେ ମହିଳା ମାନଙ୍କର କେତେଦୂର ଜ୍ଞାନ ଅଛି, ସୂଚନା ଅଛି ଏବଂ ଆସେଟ ପାଇଁ କିପରି ଆବେଦନ / ଅନୁରୋଧ କରାଯାଏ ଏବଂ ବିଗତ ଦୂନରେ ସେମାନେ ଆସେଟ ପାଇଁ ଆବେଦନ କରି ସଫଳତା ହାସଲ କରିଛନ୍ତି କି / ପାଇଛନ୍ତି କି ସେ ସବୁ ବିଷୟରେ ମହିଳା ମାନଙ୍କ ସହିତ ଆଲୋଚନା କରାଯାଇଥିଲା l ଏହି ଆକଳନ ଓଡିଶା ର 5 ଟି ଜିଲାର 3000 ରୁ ଉର୍ଦ୍ଧ୍ୱ ମହିଳା ସହିତ କରାଯାଇଥିଲା, ଯେଉଁ ମାନଙ୍କର ନରେଗା କାମ ପାଇଁ ଜବ କାର୍ଡ ଥିଲା ( ବଲାଙ୍ଗିର, ଗଞ୍ଜାମ,କଳାହାଣ୍ଡି,ମୟୂରଭଞ୍ଜ ଏବଂ ରାୟଗଡା ) l ଏହି ଜିଲା ଗୁଡିକ ବିଭିନ୍ନ କୃଷି-ଜଳବାୟୁ ଜୋନ ଏବଂ ନରେଗା କାମରେ ନିୟୋଜିତ ଲୋକଙ୍କ ସଂଖ୍ୟାକୁ ନେଇ ଚୟନ କରଯାଇଥିଲା)




**ଚିତ୍ର 1:** ଓଡିଶା ରାଜ୍ୟ

ନିମ୍ନରେ ଆକଳନ ର ମୁଖ୍ୟ ବିଷୟ ଗୁଡିକ ଅନ୍ତର୍ଭୁକ୍ତ :

- ଯୋଜନାରେ କାମ ଗୁଡିକର ନିୟମ କାନୁନ ଏବଂ ଆସେଟ ଦାବି କରିବା ବିଷୟରେ ମହିଳା ମାନଙ୍କର ଜ୍ଞାନ ବହୁତ କମ I
- ବର୍ତମାନ ବି ଅଧିକାଂଶ ମହିଳା ଭାବନ୍ତି ଯେ ଯଦି ସୁଯୋଗ ମିଳି ଥିଲା ତେବେ ସେମାନେ କଣ ପାଇଁ ଆବେଦନ/ ଅନୁରୋଧ କରିପାରିଥାନ୍ତେ I
- ବିଭିନ୍ନ ଜିଲାର ସର୍ଭେ ଡାଟା ଅନୁସାରେ ମହିଳା ମାନେ ଗୋଟିଏ ଆସେଟ ପାଇଁ କେବେ ବି ଅନୁରୋଧ/ ଆବେଦନ କରିଥିଲେ କି ପ୍ରଶ୍ନ ର ଉତରରେ – ବଲାଙ୍ଗୀରରେ 55 ପ୍ରତିଶତ ଏବଂ 4 ପ୍ରତିଶତ ମୟୂରଭଞ୍ଜ ମହିଳା କହିଛନ୍ତି ଏବଂ ଆସେଟ ପାଇଁ ଆବେଦନ କରି ବହୁତ କମ ମହିଳା ସଫଳତା ହାସଲ କରିଛନ୍ତି
- ଆମର ସର୍ଭେ ରିପୋର୍ଟ ଅନୁସାରେ 50 ପ୍ରତିଶତ ମହିଳା ସମସ୍ତଙ୍କ ସାମନାରେ / ସର୍ବସାଧାରଣ ଙ୍କ ସମ୍ମୁଖରେ କହିବା ପାଇଁ ଦ୍ୱିଧା ବୋଧ କରନ୍ତି ନାହିଁ I କିନ୍ତୁ ଗାଁ ସଭା ରେ ଗାଁ ପାଇଁ କି ପ୍ରକାର ଆସେଟ ନିର୍ମାଣ କରାଯିବ ସେ ବିଷୟର ଆଲୋଚନା ରେ ମହିଳା ମାନଙ୍କ କଥାକୁ କେବଳ କିଛି ମାତ୍ରାରେ ଶୁଣନ୍ତି

ଏହା 3 ଟି ଗୁରୁତ୍ୱପୂର୍ଣ୍ଣ ଦିଗ କୁ ଦର୍ଶାଉଛି ଯାହା ଯୋଜନାର ଲକ୍ଷ ହିସାବରେ ଗାଁ ରେ କି ପ୍ରକାର ଆସେଟ ନିର୍ମାଣ କରାଯିବ ସେ ବିଷୟରେ ଯୋଜନା ତିଆରି କରିବାରେ ଲୋକମାନଙ୍କର ଭାଗ ନେବା ଏବଂ ସେ ବିଷୟରେ ଗାଁ ର ମହିଳା ମାନଙ୍କ ର ଅଭିଜ୍ଞତା ମଧ୍ୟରେ ସଂଯୋଗ ହୋଇପାରୁ ନାହିଁ । **ପ୍ରଥମ ଟି ହେଲା ସୂଚନା ର ଅଭାବ**- ଅଧିକାଂଶ ମହିଳା ଆସେଟ ବିଷୟରେ ଜାଣିଛନ୍ତି ଯାହା ତାଙ୍କର ଜୀବନ ଜୀବିକା ର ଉନ୍ନତି ଏବଂ ପରିବର୍ତନ ପାଇଁ ବହୁତ ଉପକାରୀ , କିନ୍ତୁ ତାହାକୁ କିପରି କାର୍ଯ୍ୟକାରୀ କରାଯିବ ସେ ବିଷୟରେ ତାଙ୍କ ପାଖରେ ନିର୍ଦ୍ଦିଷ୍ଟ ଭାବେ ସୂଚନା ର ଅଭାବ। **ଦ୍ୱିତୀୟ ଟି ହେଲା ଦକ୍ଷତାର ଅଭାବ** - ଅଧିକାଂଶ ମହିଳା ଆସେଟ ବିଷୟରେ ଜାଣିଛନ୍ତି, କେଉଁ ଆସେଟ ଟି ଉପକାରରେ ଲାଗିବ ତାହା ମଧ୍ୟ ଜାଣିଛନ୍ତି,ସେହି ଆସେଟ ଟି କୁ ପାଇବା ପାଇଁ ତାର ଆବେଦନ ପ୍ରକ୍ରିୟା ମଧ୍ୟ ଜାଣିଛନ୍ତି , କିନ୍ତୁ ବର୍ତମାନ ସୁଧା ସର୍ବସାଧାରଣ ରେ ଆସେଟ ପାଇଁ ଦାବି ଉପସ୍ଥାପନ କରିବା,ଯୋଜନା ପ୍ରସ୍ତୁତ କରିବାରେ ଅଂଶଗ୍ରହଣ କରିବା ଏବଂ ଆସେଟ ଗୁଡିକର ନିସ୍ପତି ନେଉଥିବା ଲୋକମାନଙ୍କ ସହିତ ସମନ୍ୱୟ ରଖି , ଆଗଭର ହୋଇ ମତାମତ ଦେବା ରେ ସାହସ ପାଏନି କିମ୍ବା ଆତ୍ମବିଶ୍ୱାସ ନଥାଏ । **ତୃତୀୟ ଟି ହେଲା ଦାୟିତ୍ୱହିନତା ର ଅଭାବ-** ସ୍ଥାନୀୟ ନେତା / ମୁଖିଆ ମାନେ ମହିଳା ମାନଙ୍କର କଥାକୁ କର୍ଣପାତ କରନ୍ତି ନାହିଁ ଯଦିଓ ମହିଳା ମାନେ ଉପଯୁକ୍ତ ପ୍ରସ୍ତାବ ଉପସ୍ଥାପନ କରିବାକୁ ସକ୍ଷମ / ଉପଯୁକ୍ତ ଆସେଟ ପାଇଁ ଦାବି କରନ୍ତି କିମ୍ବା ପ୍ରସ୍ତାବ ଦିଅନ୍ତି , ସେମାନେ ଦାବି/ପ୍ରସ୍ତାବ କୁ ସବୁବେଳେ ଅଣଦେଖା କରନ୍ତି ।

ଉପରେ ଦର୍ଶାଯାଇଥିବା ଆକଳନ ଅନୁସାରେ ଏବଂ କୃଷି କ୍ଷେତ୍ରରେ ମହିଳା ମାନଙ୍କୁ ସଶକ୍ତିକରଣ କରିବାପାଇଁ ଥିବା ସମସ୍ଯା ଉପରେ **ଇଫରି** ସଂସ୍ଥା ସାରା ବିଶ୍ୱ ରେ କାର୍ଯ୍ୟ କରୁଅଛି ଏବଂ ସଂସ୍ଥାର ଅଭିଜ୍ଞତା ଅନୁସାରେ ଗବେଷକ ମାନେ ବର୍ତମାନ ଗୋଟିଏ ବିଷୟ ର ବିକାଶ କରିଛନ୍ତି ତାହାହେଲା **"ସ୍ୱର ଉପସ୍ଥାପନ ଯୋଜନା"** । ଯେଉଁ ଯୋଜନା ର ଲକ୍ଷ ହେଲା ମହିଳା ମାନଙ୍କୁ ମହାତ୍ମାଗାନ୍ଧି ନରେଗା ଯୋଜନାରେ ବଣ୍ଟନ କରାଯାଉଥିବା ଆସେଟ ଗୁଡିକ ପାଇଁ କିପରି ଦାବି କରିପାରିବେ କିମ୍ବା ଆସେଟ ବଣ୍ଟନ ପଦ୍ଧତି ରେ କିପରି ଅଂଶଗ୍ରହଣ କରିବେ ସେଥିପାଇଁ ସେମାନଙ୍କୁ ସଚେତନ କରିବା , ଜ୍ଞାନ ର ବିକାଶ ଏବଂ ଦକ୍ଷତା ର ବିକାଶ କରିବା । ତିଆରି କରାଯାଇଥିବା ବିଷୟବସ୍ତୁ ଗୁଡିକ କେବଳ ସୂଚନା ଏବଂ ଦକ୍ଷତାର ଅଭାବ ଆଧାରିତ । ଏହା ଛଡା ଦାୟିତ୍ୱହିନତା ର ଅଭାବ କୁ ଦୂର କରିବା ପାଇଁ ଅନ୍ୟ ପ୍ରକାରର କାର୍ଯ୍ୟକ୍ରମ ଏବଂ ଯୋଜନା ହାତକୁ ନିଆଯାଇପାରିବ ।

ଯେଉଁ ବିଷୟବସ୍ତୁ / ପାଠ୍ୟକ୍ରମ ଟି ତିଆରି କରାଯାଇଅଛି ଯାହା ଗୋଟିଏ ଛୋଟ ମହିଳା ଗୋଷ୍ଠୀଙ୍କୁ 2.5 ଘଣ୍ଟା ପର୍ଯ୍ୟନ୍ତ ଦେଖାଯିବ । ଗ୍ରାମାଞ୍ଚଳରେ ମହିଳା ମାନଙ୍କର କର୍ତବ୍ୟ ଅନୁସାରେ ସମୟ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ବାହାରକୁ ବୁଲାବୁଲି କରିବା ପାଇଁ ବହୁତ କମ ଯାଆନ୍ତି । ତେଣୁ ତାଲିମ ଅଧିବେଶନ/ ତାଲିମ ରେ ଭାଗ ନେବାପାଇଁ ଅଧିକ ସମୟ ଦେବା ସେମାନଙ୍କ ପାଖରେ ସମ୍ଭବ ହୋଇନପାରେ କିମ୍ବା କଷ୍ଟକର ହୋଇପାରେ । ତାଲିମ ଅଧିବେଶନ ଟି ବହୁତ ଲମ୍ବା ହୋଇପାରେ । ତାଲିମ ବିଷୟ ଆଲୋଚନା ପାଇଁ ପୁରା ଗୋଟେ ଦିନ ଲାଗିପାରେ ଏବଂ ଗୋଟିଏ ବଡ ଗୋଷ୍ଠୀ ଙ୍କ ସହିତ ଅନୁଷ୍ଠିତ ହୋଇପାରେ । କିନ୍ତୁ ପରବର୍ତୀ ଅବସ୍ଥାରେ ଯେତେବେଳେ ବହୁତ ନୂଆଲୋକ , ଅଚିହ୍ନା ଲୋକ ସ୍ପର୍ଶକାତର ବିଷୟ ରେ ଆଲୋଚନା କରିବା ପାଇଁ

ଗୋଟିଏ ଜାଗାରେ ଏକତ୍ରିତ ହେବେ ,ସେତେବେଳେ ତାଲିମ ସମୟରେ ବହୁତ ସମୟ ଦେବାକୁ ପଡିବ , କାରଣ ମହିଳା ମାନେ ପରସ୍ପର ଭିତରେ ପରିଚୟ ପ୍ରଦାନ କରିବେ ଯାହା ସେମାନଙ୍କ ଭିତରେ ନିଜ ନିଜ ର ମତାମତ, ଚିନ୍ତାଧାରା ଖୋଲାଖୋଲି ଭାବରେ ଦେଇପାରିବେ । କିନ୍ତୁ ଏହି ପ୍ରକାର ଦୀର୍ଘ ସମୟ ର କାର୍ଯ୍ୟକ୍ରମ କୁ ହୁଏତ ମହିଳା ମାନେ ସମସ୍ତେ ଆସି ପାରିବେ ନାହିଁ , ଏତେ ଦୁରରୁ ଆସିବା ମଧ୍ୟ ବହୁତ ସମୟ ସାପେକ୍ଷ, ଘରର କାର୍ଯ୍ୟ ବ୍ୟସ୍ତତା ଯୋଗୁ ଏତେ ସମୟ ଭାଗ ନେବା ମଧ୍ୟ ସମ୍ଭବ ହୋଇନପାରେ , ଆର୍ଥିକ ଦୃଷ୍ଟିରୁ ଖର୍ଚ୍ଚାନ୍ତ ମଧ୍ୟ ହେବେ ଇତ୍ୟାଦି ସମସ୍ଯା ର ସମୁଖିନ୍ନ ହୋଇପାରନ୍ତି

ସେଥିପାଇଁ **"ସ୍ୱର ଉପସ୍ଥାପନା ଯୋଜନା "** ଟି ଛୋଟ ଛୋଟ ମହିଳା ଗୋଷ୍ଠୀ ଙ୍କ ସହିତ ସେମାନଙ୍କ ଗାଁ ରେ ଆୟୋଜନ କରିବା ପାଇଁ ଯୋଜନା କରାଯାଇଅଛି ଯାହା ପ୍ରତ୍ଯେକ ମହିଳା ମାନେ ସୁବିଧା/ ସହଜରେ ଅଂସ ଗ୍ରହଣ କରିପାରିବେ ଏବଂ ସ୍ୱଳ୍ପ ସମୟ ଭିତରେ ନିର୍ଦ୍ଦିଷ୍ଟ ତାଲିମ ବିଷୟରେ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ଅଭ୍ଯାସ କରିବାରେ ସୁଯୋଗ ପାଇପାରିବେ । ଏଥିରେ ମହିଳା ମାନେ ସେମାନଙ୍କର ସାଙ୍ଗ/ ପଡୋଶୀ ମହିଳା ମାନେ ଯିଏ ଏହି ତାଲିମ ରେ ଭାଗ ନେଇପାରିବ ସେମାନଙ୍କୁ ବାଛି ପାରିବେ । ଏହା ଦ୍ୱାରା ବିଭିନ୍ନ ଜାତିର / ଗୋଷ୍ଠୀର ମହିଳା ମାନଙ୍କ ଭିତରେ ଥିବା ସାମାଜିକ ସମ୍ପର୍କ ଏବଂ ବନ୍ଧନ ଯୋଗୁ ଠିକ ସମୟରେ ମିଟିଂ ରେ ଉପସ୍ଥିତ ହୋଇପାରିବେ ତଥା ଦକ୍ଷତା ବିକାଶ କରିପାରିବେ ।

ପାଠ୍ୟକ୍ରମ/ ତାଲିମ କାର୍ଜ୍ୟକ୍ରମ ସରିଲା ପରେ ଅଂଶଗ୍ରହଣ କରିଥିବା ସଦସ୍ୟ ମାନେ ନିମ୍ନ ବିଷୟ ଗୁଡିକ ବୁଝି ପାରିବେ :

- ମନରେଗା ଯୋଜନାରେ ଗୋଟିଏ ବ୍ଯକ୍ତିଗତ ଆସେଟ/ ସମ୍ପତି ପାଇବା ପାଇଁ , ଅନୁରୋଧ/ ଦାବି କରିବାର ପଦ୍ଧତି ବୁଝିପାରିବେ ଏବଂ ସେଥିରେ ଆଉ କେଉଁ ସ୍ଥାନୀୟ ଲୋକ ସେଥିରେ ସମ୍ପୃକ୍ତ ଅଛନ୍ତି ତାହା ମଧ୍ୟ ଜଣାଇ ପାରିବେ
- ମହାତ୍ମାଗାନ୍ଧି ନରେଗା ଯୋଜନାର ଆସେଟ ବିଷୟରେ ବର୍ଣନା କରିପାରିବେ/ ଜାଣି ପାରିବେ ଯାହା ତାଙ୍କର ନିଜସ୍ୱ ଚାଲିଚଳଣି ରେ ଉନ୍ନତି ହେବ କିମ୍ବା ଜୀବନ ଶୈଳୀ ରେ ଉନ୍ନତି ହେବ କିମ୍ବା ଗାଁ ର ସମୂହ ଉନ୍ନତି ହେବ
- ଗାଁ ଲୋକ ମାନେ କି ପ୍ରକାର ଆସେଟ ନିର୍ମାଣ/ ପାଇବା ପାଇଁ ଚାହୁଁଅଛନ୍ତି / ନିସ୍ପତି କରିଛନ୍ତି ସେ ବିଷୟ ବିଭିନ୍ନ ଉପାୟରେ ସ୍ପଷ୍ଟ ଭାବରେ ମତ ବ୍ୟକ୍ତ କରିପାରିବେ ଯାହା ସେମାନଙ୍କୁ ପ୍ରଭାବିତ କରିବ
- ସମ୍ଭାବିତ ପ୍ରତିବନ୍ଧକ ଆସିଲେ ମହିଳା ମାନେ କିପରି ତାଙ୍କର ସ୍ୱର / କଥା ବିଭିନ୍ନ ଉପାୟରେ ଉପସ୍ଥାପନ କରିପାରିବେ ଏବଂ ପ୍ରତିବନ୍ଧକ କୁ କିପରି ବିଭିନ୍ନ ଉପାଯରେ ପ୍ରତିହତ କରିପାରିବେ ତାହା ଜାଣି ପାରିବେ / ଶିଖିପାରିବେ

# 2 ତାଲିମ ପୁସ୍ତିକାର ପ୍ରାଥମିକ ଚିଠା / ସଂକ୍ଷିପ୍ତ ବିବରଣୀ

**"ସ୍ୱର ଉପସ୍ଥାପନ ପାଇଁ ଯୋଜନା** " ବିଷୟ ର ତାଲିମ କାର୍ଯ୍ୟକ୍ରମ ର ସମୟ ଅବଧି ହେଲା 2.5 ଘଣ୍ଟା ଏବଂ ଏହାର ମୁଖ୍ୟତଃ 6 ପ୍ରକାର ଚିଠା / ମୋଡୁଲ ଅଛି ଯାହା ନିମ୍ନ ରେ ଦର୍ଶା ଯାଇଅଛି :

A) ନରେଗା ଯୋଜନା ବିଷୟରେ ଥିବା ସୂଚନା ପତ୍ର ( ଲିଫଲେଟ ) ଦେବା ଏବଂ ପ୍ରେରଣାଦାୟୀ ଭିଡିଓ ପ୍ରଦର୍ଶନ କରିବା
B) ଭିଡିଓ ବିଷୟରେ ଆଲୋଚନା କରିବା
C) ଗୋଟିଏ ସାମାଜିକ ସମସ୍ଯା ର ଚିତ୍ର ତିଆରି କରିବା
D) ସ୍ୱର ଉପସ୍ଥାପନ ଏବଂ ସଂସ୍ଥା ମାଧ୍ୟମରେ ଭାଗୀଦାରୀ ବିଷୟରେ ଆଲୋଚନା କରିବା
E) ନିର୍ଦ୍ଦିଷ୍ଟ ଲକ୍ଷ ସ୍ଥଳରେ ପହଞ୍ଚିବା / ନିର୍ଦ୍ଦିଷ୍ଟ ଲକ୍ଷ ହାସଲ କରିବା ବିଷୟରେ ଆଲୋଚନା କରିବା
F) ସର୍ବସାଧାରଣ ଙ୍କ ସମ୍ମୁଖରେ କହିବା ର ଅଭିନୟ କରିବା ଇତ୍ୟାଦି

ମନେ ରଖନ୍ତୁ କେତେଗୁଡିଏ ସ୍ଥଳରେ ରେ/ ଜାଗାରେ କେବଳ ମୋଡୁଲ A , B ,C କାର୍ଯ୍ୟକାରୀ କରାଯିବ ଏବଂ ଆଉ କେତେକ ସ୍ଥଳରେ ସମସ୍ତ 6 ଟି ଯାକ ମୋଡୁଲ କାର୍ଜ୍ୟକାରୀ କରାଯିବ । ସମସ୍ତ ପ୍ରଶିକ୍ଷକ ମାନଙ୍କୁ ଗୋଟିଏ ତାଲିକା ଦିଆଯିବ ଯେଉଁଥିରେ ପ୍ରତ୍ଯେକ ମହିଳା ଗୋଷ୍ଠୀ ସହିତ କି କି ପ୍ରକାର କାର୍ଜ୍ୟକ୍ରମ କରାଯିବ ସେ ବିଷୟ ସଂପୂର୍ଣ୍ଣ ଉଲେଖ କରାହୋଇଥିବ

| ମୋଡୁଲ | ସମ୍ଭାବିତ ଫଳାଫଳ | |
|---|---|---|
| (A) ମନରେଗା ସୂଚନା<br><br>ସାଙ୍ଗ ମାନଙ୍କୁ ଡାକି କରି ପ୍ରଚାର ପତ୍ର ବାଣ୍ଟିବା ଏବଂ ବୁଝାଇବା | **ଜ୍ଞାନ ଏବଂ ସୂଚନା** | • ନରେଗା ଯୋଜନା ର ନିୟମ କାନୁନ ବିଷୟରେ ଜାଣିବା, ଗାଁ ଲୋକଙ୍କ ପାଇଁ ଆସେଟ ଏବଂ ବ୍ୟକ୍ତିଗତ ଆସେଟ ବିଷୟରେ ଅବଗତ ହେବା ଏବଂ ଆସେଟ ବାଛିବା ରେ ଅଂଶଗ୍ରହଣ କରିବାରେ ମହିଳା ମାନଙ୍କର ସମାନ ଅଧିକାର ଅଛି |
| (B ) ଭିଡିଓ ଚିତ୍ର<br><br>ଦେଖେଇବା ପ୍ରେରଣା ଏବଂ ଅଭିଳାଷ/ ଆସା ଆକାଂକ୍ଷା | **ଜ୍ଞାନ ଏବଂ ସୂଚନା** | • ନରେଗା ଯୋଜନା ର ନିୟମ କାନୁନ ବିଷୟରେ ଦୃଢ ଭାବେ ଜ୍ଞାନ ଆହରଣ କରିବା ଏବଂ ଲୋକଙ୍କ ପାଇଁ ଆସେଟ ଏବଂ ବ୍ୟକ୍ତିଗତ ଆସେଟ ବିଷୟରେ ଅବଗତ ହେବା |

| ମୋଡୁଲ | ସମ୍ଭାବିତ ଫଳାଫଳ | |
|---|---|---|
| | **ଲକ୍ଷ ଏବଂ ଉଚ ଆଶା , ଅଭିଳାଷ** | • ମୂଲ୍ଯବାନ ଆସେଟ ପାଇଁ ଲୋକଙ୍କ ସମ୍ମୁଖରେ କହି ଇଛା / ଅଭିଳାଷ କୁ ଉପସ୍ଥାପନ କରିବା ଏବଂ ଆସେଟ / ସମ୍ପତି ନିର୍ମାଣ କରିବା ହାସଲ କରିବା ଯାହା ବହୁତ ମୂଲ୍ଯବାନ ହେବ<br>• ମହିଳା ମାନେ ଆସେଟ ପାଇଁ ଅନୁରୋଧ କଲାବେଳେ କି, ଇ ପ୍ରକାର ସମସ୍ୟାର ସମ୍ମୁଖିନ୍ନ ହୁଅନ୍ତି ତାହା ଶୁଣିବେ ଏବଂ ମହିଳା ମାନେ କିପରି ଏହି ସମସ୍ଯାର ସମାଧାନ କରି ଅଭିଳାଷ କୁ ପୂରଣ କରିବା |
| **(C)** ଭିଡିଓ ବିଷୟରେ ଆଲୋଚନା<br><br>ପ୍ରେରଣା ଏବଂ ଅଭିଳାଷ/ ଇଚ୍ଛା<br><br>ସମସ୍ଯା ଗୁଡିକର ସମାଧାନ | **ଲକ୍ଷ ଏବଂ ଉଚ ଆଶା, ଅଭିଳାଷ** | • ମହିଳା ମାନେ ଆସେଟ ପାଇଁ ଦାବି କରିବା ବେଳେ ସମ୍ମୁଖିନ୍ନ ହେଉଥିବା ପ୍ରତିବନ୍ଧକ ଗୁଡିକୁ ଚିହ୍ନଟ କରି ଆଲୋଚନା କରିବା<br>• ଏହି ପ୍ରତିବନ୍ଧକ ଗୁଡିକର ସମାଧାନ କିପରି ଯାଇପାରିବ ସେ ବିଷୟରେ ଧାରଣା କୁ ଦୃଢ କରିବା |
| (D) ସାମାଜିକ ନକ୍ସା ତିଆରି ର ଅଭ୍ଯାସ<br><br>**ସମସ୍ଯା / ପ୍ରତିବନ୍ଧକ କୁ ଚିହ୍ନଟ କରିବା**<br><br>**ଆସେଟ ବିଷୟରେ ଧାରଣା କୁ ଉନ୍ନତ କରାଇବା** | **ଦକ୍ଷତା ଏବଂ ଆତ୍ମ ବିଶ୍ୱାସ** | • ନିଜ ଘର ପାଖରେ ବ୍ୟକ୍ତିଗତ ଆସେଟ କିମ୍ବା ଗାଁ ର ଲୋକଙ୍କ ପାଇଁ ଆସେଟ ଚିହ୍ନଟ କରିବା ପାଇଁ ଥିବା ସମସ୍ଯା ଗୁଡିକୁ ଚିହ୍ନଟ କରି ଦକ୍ଷତା ବୃଦ୍ଧି କରିବା ଯାହା ବହୁତ ସାହାଯ୍ଯକାରୀ ହେବ<br>• ଅଭ୍ଯାସ ଦ୍ୱାରା ଜାଣି ପାରିବା ଏବଂ ସ୍ୱଷ୍ଟ ଭାବରେ ଇଚ୍ଛା / ଅଭିଳାଷ କୁ କହିପାରିବା |
| (E) ଲକ୍ଷ ହାସଲ ପାଇଁ ଅଭ୍ଯାସ<br><br>ନିର୍ଦ୍ଦିଷ୍ଟ ଲକ୍ଷ ହାସଲ ପାଇଁ ସ୍ୱର ଏବଂ ଭାଗୀଦାରୀ | **ଦକ୍ଷତା ଏବଂ ଆତ୍ମ ବିଶ୍ୱାସ** | • ଫଳପ୍ରଦ ନିର୍ଦ୍ଦିଷ୍ଟ ଲକ୍ଷ ହାସଲ କରିବା ର ଉପାୟ ଶିଖିବା<br>• ଗାଁ ର ବିକାଶ ଯୋଜନା ପଦ୍ଧତି ରେ ନିର୍ଦ୍ଦିଷ୍ଟ ଲକ୍ଷ ହାସଲ ପାଇଁ ସ୍ୱଷ୍ଟ ଭାବରେ ନିଜର ସ୍ୱର ଉପସ୍ଥାପନ କରିବା ଏବଂ ଭାଗୀଦାରୀ ହେବା |
| (F ) ଅଭିନୟ କରିବାର ଅଭ୍ଯାସ<br><br>ସର୍ବସାଧାରଣ ସମୁଖରେ କହିବାର ଅଭ୍ଯାସ | **ଦକ୍ଷତା ଏବଂ ଆତ୍ମ ବିଶ୍ୱାସ** | • ଗାଁ ର ଯୋଜନା ତିଆରି କରିବାର ପଦ୍ଧତିରେ ଅଭିନୟ ମାଧ୍ୟମରେ କହିବା ର ଅଭ୍ଯାସ କରିବା<br>• ନିଜର ଜୀବନରେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି/ ଲୋକ ଏବଂ ଗାଁ ର ଲୋକ ମାନେ ଆପଣଙ୍କ ଚିନ୍ତାଧାରା ଉପରେ କଣ ପ୍ରତିକ୍ରିୟା ରଖୁଛନ୍ତି ତାହା ଅନୁମାନ କରିବା କଥା |

# 3 ପାଠ୍ୟକ୍ରମ କିପରି କରାଯିବ

## ପୂର୍ବରୁ ପ୍ରସ୍ତୁତି କରିବା

ସ୍ୱଳ୍ପ ସମୟ ଭିତରେ ଏହା ଗୋଟିଏ ବଡ ଏଜେଣ୍ଡା / ବ୍ୟସ୍ତ ବହୁଳ ଏଜେଣ୍ଡା ଏବଂ ଏହି ସମୟ ଭିତରେ ସମସ୍ତ ପ୍ରସ୍ତୁତି କରିବାକୁ ପଡିବ ଏବଂ ଏହି ସମୟ ଭିତରେ ଅଂଶଗ୍ରହଣ କାରୀ ମାନେ ପାଠ୍ୟକ୍ରମ କିପରି ସଂପୂର୍ଣ୍ଣ କରିବେ ତାହା ହେଲା ମୁଖ୍ୟ ବିଷୟ । ସମ୍ପାଦନକାରୀ ମାନେ ବିଷୟବସ୍ତୁ ଉପରେ ପୂର୍ବରୁ ପ୍ରସ୍ତୁତ ହେବାର ଅଛି/ ଜାଣିବାର ଅଛି / ପରିଚିତ ହେବାର ଅଛି ଯାହା ତାଲିମ ଆରମ୍ଭ କରିବା ପୂର୍ବରୁ ସମସ୍ତ ବିଷୟରେ ଅବଗତ ହେବାର / ଜାଣିବାର ଅଛି। ଏହା ବ୍ଯତୀତ ଆଉ ଗୋଟିଏ ଆବଶ୍ୟକ କାମ ହେଲା ଗୋଟିଏ ଛୋଟିଆ ଗୃପ / ଗୋଷ୍ଠୀ ଙ୍କୁ ଏକତ୍ରିତ / ଏକାଠି କରିବାର ଅଛି । (ଉଦାହରଣ- ବେଶଲାଇନ ସର୍ଭେ ବେଳେ ସାକ୍ଷାତକାର ନିଆଯାଇଥିବା ମହିଳାଙ୍କୁ ତାଙ୍କର ସାଙ୍ଗସାଥି, ପଡୋଶୀ ମହିଳା ଙ୍କୁ ଯୋଗାଡ କରିବାକୁ କହିବା ଯେଉଁ ମାନଙ୍କର ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ଥିବ କିମ୍ବା ପ୍ରଶିକ୍ଷଣ ନେବାପାଇଁ ଉପସ୍ଥିତ ଥିବା ମହିଳା ଗୃପ) । ପ୍ରଶିକ୍ଷଣ ଦେବା ପାଇଁ ଗୋଟିଏ ନିରାପଦ ସ୍ଥାନ ବାଛିବାକୁ ପଡିବ ଯେଉଁଠାରେ ମହିଳାମାନେ ବ୍ୟକ୍ତିଗତ ଭାବେ ଆଲୋଚନା କରିପାରିବେ । ମହିଳା ମାନଙ୍କ ସୁବିଧା ଅନୁସାରେ ଏମିତି ଗୋଟିଏ ସମୟ ବାଛ ଯାହା ମହିଳା ମାନେ ହାତରେ ଛପା ଯାଇଥିବା ସୂଚନା ପ୍ରଚାର ପତ୍ର ଧରି ସ୍କ୍ରିନ ରେ ସିନେମା ଦେଖିପାରିବେ । ଏଥିପାଇଁ ବ୍ଯାଟେରୀ ଚାଳିତ ପ୍ରୋଜେକ୍ଟର ଯାହା ମହିଳା ମାନେ ବଡ ପରଦାରେ ଚିତ୍ର / ସିନେମା ଦେଖିପାରିବେ ଏବଂ ଏଥିପାଇଁ ବିଜୁଳିବତୀ ର ଆବଶ୍ୟକତା ପଡିବ ନାହିଂ ।

## ଗୋଟିଏ ଗୋଷ୍ଠୀ/ ଗୃପ କୁ ଏକତ୍ରିତ କରିବା

ବର୍ତ୍ତମାନର ଗୋଷ୍ଠୀମାନଙ୍କର ଯଥେଷ୍ଟ ସାମାଜିକ ପୁଞ୍ଜି ରହିଛି ଯାହା ଉଭୟ ସେମାନଙ୍କ ଘର ଭିତରେ ଏବଂ ବାହାରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାଯାଏ । ଏପରିକି ନିୟମିତ ସଭା ସହିତ ଆନୁଷ୍ଠାନିକ ଗୋଷ୍ଠୀର ବାହାରେ, ମହିଳାମାନେ ଅନେକ ସମୟରେ ବନ୍ଧୁ ଏବଂ ପଡ଼ୋଶୀ ଆକାରରେ ଯଥେଷ୍ଟ ସାମାଜିକ ପୁଞ୍ଜି ଥାନ୍ତି ଯାହା ଅନେକ ପ୍ରକାରର ସମର୍ଥନ ପ୍ରଦାନ କରିବା ପାଇଁ ନିର୍ଭର କରାଯାଇପାରିବ - ଆର୍ଥିକ, ନୈତିକ, ଇତ୍ୟାଦି ହିସାବରେ । ଏହି ପାଠ୍ୟକ୍ରମର ଏକ ଶକ୍ତି ହେଉଛି ଏହି ପ୍ରଚଳିତ ସାମାଜିକ ପୁଞ୍ଜିକୁ ଉପଯୋଗ କରିବା, ଯାହା ଏକ ନୂତନ ଭାବରେ ଗଠିତ ମହିଳା ଗୋଷ୍ଠୀଙ୍କ ପରିପ୍ରେକ୍ଷୀରେ ସମ୍ପର୍କ ସୃଷ୍ଟି କରିବା ପାଇଁ ଅଧିକ ସମୟ ନେଇପାରେ କାରଣ ସେମାନେ ପରସ୍ପରକୁ ଭଲ ଭାବରେ ଜାଣିନଥାନ୍ତି , କିମ୍ବା ବହୁତ ଦୂରରେ ରହିଥାନ୍ତି ଯାହା ସେମାନେ ବାସ୍ତବରେ ଜଣେ ମହିଳାଙ୍କର ଆବଶ୍ୟକ ହେଉଥିବା ସମର୍ଥନ ଦେଇପାରନ୍ତି ନାହିଁ।

ଜଣେ ସମ୍ପାଦନକାରୀ ହିସାବରେ ତାଙ୍କର ମୁଖ୍ୟ ଲକ୍ଷ  ହେଲା ଏହି ସାମାଜିକ ପୁଞ୍ଜି କେଉଁ ମହିଳା ମାନଙ୍କ ପାଖରେ ଅଛି ତାହାକୁ ଚିହ୍ନଟ କରିବା  ଏବଂ ପ୍ରଶିକ୍ଷଣ ପାଇଁ ମହିଳାମାନଙ୍କୁ ରାଜି କରେଇବା। ଗୋଷ୍ଠୀ ଗଠନ କରିବା କିମ୍ବା ପରସ୍ପରକୁ ଆଦୌ ଜାଣିନଥିବା ମହିଳାମାନଙ୍କୁ ଏକାଠି ହେବାକୁ କହିବା ସମ୍ପାଦନକାରୀଙ୍କର  ଲକ୍ଷ୍ୟ ନୁହେଁ। ବରଂ  ମହିଳାମାନେ  ତାଙ୍କ ଇଚ୍ଛା ଅନୁସାରେ କାହା ସହିତ ମିଶି ପ୍ରଶିକ୍ଷଣ / ତାଲିମ ରେ ଭାଗ ନେବେ ତାହା ସେମାନେ ନିସ୍ପତି ନେବେ , ହେଇପାରନ୍ତି  ବନ୍ଧୁ କିମ୍ବା ସାଙ୍ଗ ସାଥି କିମ୍ବା ପଡୋଶୀ । ସମ୍ପାଦନକାରୀ ଯେଉଁ ଚିହ୍ନଟ ମହିଳାଙ୍କ ସହିତ କଥା ହେଉଛନ୍ତି  ତାଙ୍କର ନାମ ସଙ୍ଗେ ସଙ୍ଗେ ଜାଣି ନ ପାରନ୍ତି ,   କିନ୍ତୁ ଜାଣିବା ପାଇଁ  ବର୍ଣନା କରାଯାଇପାରେ ଯଥା :  a) ଦରକାର ବେଳେ ଆପଣ ଯେଉଁ ମହିଳା ଙ୍କ ଉପରେ ନିର୍ଭର / ବିଶ୍ୱାସ କରନ୍ତି ସେହି ମହିଳା ମାନେ କିଏ ?  b) ଯେତେବେଳେ ଆପଣ କୌଣସି ଲକ୍ଷ୍ୟ ହାସଲ କରିବାକୁ ଚାହାନ୍ତି  ଏବଂ ଅନ୍ୟ ଜଣେ ମହିଳାଙ୍କ ସମର୍ଥନ ଆବଶ୍ୟକ କରନ୍ତି ,ସେତେବେଳେ ଆପଣ ଆପଣ କାହା ସହିତ ପରାମର୍ଶ କରନ୍ତି ? ଏବଂ c ) ଆପଣ ଅନ୍ୟ ମହିଳାମାନ ଙ୍କ ସହିତ ଅନ୍ୟ କୌଣସି ଗୃପ / ଗୋଷ୍ଠୀରେ  ଭାଗ ନିଅନ୍ତି କି? ଯଦି ହଁ, ତେବେ ସେହି  ଗୋଷ୍ଠୀର ମହିଳାମାନେ କିଏ, ଯେଉଁମାନଙ୍କ ସହ ଆପଣ ନିୟମିତ କଥା ହୁଅନ୍ତି?

ଯଦି ଆବଶ୍ୟକ ଠାରୁ  ମହିଳା ଙ୍କର ଅଧିକ ସଂଖ୍ଯାରେ ସାଙ୍ଗ ସାଥି, ଏବଂ ପଡ଼ୋଶୀ ଆସିଥାନ୍ତି , ତେବେ ସମ୍ପାଦନକାରୀ  ସେମାନଙ୍କ ଭିତରୁ ଯେଉଁମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ ସେମାନଙ୍କୁ ନେଇକି ଆଲୋଚନା କରିବେ ।  ସମ୍ପାଦନକାରୀ ମହିଳାଙ୍କର ଏକ ତାଲିକା କରିବେ ଯାହା  ମହିଳାମାନଙ୍କୁ ବୁଝାଇବା ପାଇଁ ଗୋଟିଏ ଉପଯୁକ୍ତ  ପନ୍ଥା ବାଛିବାକୁ ପଡିବ।  ଦରକାର ମୁତାବକ ମହିଳାମାନଙ୍କୁ ଏକାଠି କରିବେ କିମ୍ବା ସେମାନଙ୍କୁ ସାଙ୍ଗରେ ଧରି   ପ୍ରଶିକ୍ଷଣ ସ୍ଥାନରେ ପହଞ୍ଚିବାକୁ କହିପାରିବେ , କିମ୍ବା ସେମାନଙ୍କ ମଧ୍ୟରୁ ସେ ନିଜତରଫରୁ କେତେଜଣ ଙ୍କୁ ଭାଗ ନେବାପାଇଁ  ବାଛି ପାରିବେ

## ମହିଳା ମାନଙ୍କର  ଆତ୍ମସନ୍ତୋଷ, ସୁଖଦ ଅନୁଭୂତି ପାଇଁ ଏକ ପରିବେଶ ସୃଷ୍ଟି କରିବା

ମହିଳାମାନେ  ପ୍ରଶିକ୍ଷଣ ର ଅଧିବେଶନ ସମୟରେ  ସ୍ବଚ୍ଛନ୍ଦରେ / ବିନା ଦ୍ୱିଧା ରେ / ଖୁସିମନରେ ନିଜର ମତାମତ  ଉପସ୍ଥାପନ କରିବା  ଏବଂ କଥା କହିବା ପାଇଁ ସହଜ ଅନୁଭବ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ । କେତେକ ମହିଳା ସ୍ୱାଭାବିକ ଭାବରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ କଥା କୁହନ୍ତି ; ନିଜର ପରିଚିତ ସାଙ୍ଗସାଥି  ଏବଂ ପଡ଼ୋଶୀମାନଙ୍କୁ ନେଇ  ଛୋଟ ଛୋଟ ମହିଳା ଗୋଷ୍ଠୀଗୁଡ଼ିକ ଗଠନ କରାଯିବାର କାରଣ , ବଡବଡ ଗୋଷ୍ଠୀଙ୍କ ସାମନାରେ  କଥା କହିବାକୁ ଇଚ୍ଛା ପ୍ରକାଶ କରୁନଥିବା ମହିଳା ବିନା ଦ୍ୱିଧା ରେ , ଆରାମ  ରେ ସର୍ବ ସମୁଖରେ କହିବା ର ସୁଯୋଗ  ପାଇବାର ଅଭ୍ଯାସ କରିପାରିବେ ।  ଏହାର ଆଉ ଗୋଟିଏ ବିପରୀତ କଥା ହେଲା  ବଡ଼ ଗୃପ ରେ ସଙ୍କୋଚ କରୁଥିବା , କିମ୍ବା ଲାଜ କରୁଥିବା  ମହିଳାମାନେ ସେମାନଙ୍କର ନିଜର ଦକ୍ଷତା କୁ ପ୍ରକାଶ କରନ୍ତି ନାହିଁ ଏବଂ  ଅଧିକାଂଶ ସମୟରେ ଅନ୍ୟମାନଙ୍କ ଦକ୍ଷର ତା ଅଭ୍ୟାସକୁ ଦେଖନ୍ତି । ଏହି ପାଠ୍ୟକ୍ରମରେ ଗୋଷ୍ଠୀଗତ କାର୍ଯ୍ୟକ୍ରମ ଏବଂ ଅଭିନୟକୁ ଅନ୍ତର୍ଭୁକ୍ତ କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା ମହିଳାମାନଙ୍କୁ ସଂପୂର୍ଣ୍ଣ ଖୋଲାଖୋଲି ଭାବରେ, ବିନା ଦ୍ୱିଧା ରେ ସଠିକ ସ୍ଥାନରେ ଉତର  ରଖିବାକୁ / କଥାକହିବାକୁ / ଦକ୍ଷତା ପରିପ୍ରକାଶ କରିବାର ସୁଯୋଗ ପାଇପାରିବେ, ଏବଂ ଯେଉଁ ଜିନିଷ ଜାଣିନାହାନ୍ତି ତାହା ଜାଣିପାରିବେ।  ଅଧିକନ୍ତୁ, ପ୍ରକୃତ କଥା ହେଲା ଏହି ମହିଳାମାନଙ୍କ ସହିତ ଆଗରୁ ତାଙ୍କ ସହିତ  ସାମାଜିକ ପୁଞ୍ଜିର ଏକ ଭଲ ସମନ୍ୱୟ  ଅଛି, ତେଣୁ  ସେମାନଙ୍କୁ ଘରକୁ ଯିବା ପରେ ମଧ୍ୟ ମହିଳାମାନଙ୍କ ସହିତ ଅଭ୍ୟାସ  କରିବାରେ ସାହାଯ୍ୟ କରିବା କଥା

ପ୍ରଶିକ୍ଷଣର ଲକ୍ଷ୍ୟଗୁଡ଼ିକୁ ବର୍ଣ୍ଣନା କରି ଅଧିବେଶନ ଆରମ୍ଭ କରିବା ଏକ ଭଲ ପଦକ୍ଷେପ । ସମ୍ପାଦନକାରୀ ନିମ୍ନରେ ଦିଆଯାଇଥିବା ବିଷୟ ଗୁଡିକୁ ମହିଳାଙ୍କୁ ପଢିକି ଶୁଣେଇବା ଆରମ୍ଭ କରିବା କଥା :

> *ଜଣେ ମହିଳା ହିସାବରେ ମନରେଗା ଯୋଜନାର ଆସେଟ ବାଛିବା ପଦ୍ଧତି ରେ ଅଂଶଗ୍ରହଣ କରିବାରେ ନିମ୍ନ ତାଲିମ ଟି ଆପଣଙ୍କୁ ସାହାଜ୍ଜ କରିବା ପାଇଁ ଉଦିଷ୍ଟ। ଆପଣ ଦେଉଥିବା ସମୟ ବାବଦରେ ଆମେ କିଛି ଗୋଟିଏ ଛୋଟ ଜଳଖିଆ ପ୍ଯାକେଟ ଦେବୁ କିନ୍ତୁ କୌଣସି ଅର୍ଥ ଦେବୁ ନାହିଁ। ଏହି ତାଲିମ କାର୍ଯ୍ୟକ୍ରମ ଯୋଗୁ ମନରେଗା ଯୋଜନା ରେ ମହିଳା ମାନେ ନିଶ୍ଚିତ ସାହାଜ୍ଜ ପାଆନ୍ତୁ , ଗାଁ ର ମୁଖିଆ ମାନଙ୍କ ସହିତ , ଗାଁ ଲୋକମାନଙ୍କ ସହିତ ଏବଂ ପରିବାର ର ସଦସ୍ୟ ମାନକ ସହିତ ଉତମ ସମ୍ପର୍କ ରଖି ମହିଳା ମାନେ ମାନରେଗା ଯୋଜାନରେ ଆସେଟ / ସମ୍ପତି ବାଛନ୍ତୁ/ ପାଆନ୍ତୁ ଏହା ଆମର ଇଛା/ ଉଦ୍ଦେଶ୍ୟ*

ଆପଣ ଆରମ୍ଭ କରିଲା ପରେ ଜଣେ ସମ୍ପାଦନକାରୀ ହିସାବରେ ତାଙ୍କର ଭୂମିକା ହେଲା ତାଲିମ ଅଧିବେଶନ ଟି ଠିକ ବାଟରେ ଯାଉଛି/ ଚାଲୁଛି କିମ୍ବା ବିଷୟବସ୍ତୁ ବାହାରେ ଯାଉଛି ତାହା ସୁନିଶ୍ଚିତ କରିବା । ଜଣେ ସମ୍ପାଦନକାରୀ ହିସାବରେ ମୁଖ୍ୟ କାମ ହେଲା ଯେଉଁ ମହିଳା ଅଧିକ କଥା କହନ୍ତି ତାଙ୍କୁ ଆଲୋଚନା ରେ ଭାଗ ନେଇ ଶୁଣିବା ଏବଂ ଅଂଶଗ୍ରହଣ କରିବା ପାଇଁ ମନା କରୁଥିବା ମହିଳା ଉଭୟଙ୍କୁ ଉତ୍ସାହିତ କରିବା । କାର୍ଯ୍ୟକ୍ରମ ଟି ସରିଲାପରେ ସମ୍ପାଦନକାରୀ , ଅଂଶଗ୍ରହଣ କରିଥିବା ମହିଳା ମାନେ କଣ ସବୁ ଶିଖିଲେ ତାହା ପଚାରିବେ ଏବଂ କାର୍ଯ୍ୟକ୍ରମ ସମୟରେ ମହିଳା ମାନେ କହିଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକୁ ମାନେ ପକେଇଦେବା ସହିତ ଶିଖିବା ଜିନିଷ ଗୁଡିକୁ ବଳବତର ରଖିବା ପାଇଁ କହିବା ।

କାର୍ଯ୍ୟକ୍ରମ ଚାଲୁଥିଲା ବେଳେ ଉପଯୁକ୍ତ ସମୟରେ ମହିଳା ମାନଙ୍କୁ ଜଳଖିଆ ପ୍ଯାକେଟ ଦିଆଯିବ (ଯଥା ; ଚା ଏବଂ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଗରମ ଜଳଖିଆ )

## ଉପକରଣ ଗୁଡିକର ତାଲିକା

ପ୍ରତ୍ଯେକ ପ୍ରଶିକ୍ଷଣ / ତାଲିମ ସମୟରେ ନିମ୍ନ ଲିଖିତ ଉପକରଣ ଗୁଡିକ ଅଣାଯିବ

1. ତାଲିମ / ପ୍ରଶିକ୍ଷଣ ପୁସ୍ତିକା
2. ସୂଚନା ପ୍ରଚାର ପତ୍ର (5-7 ଟି)
3. ପ୍ରୋଜେକ୍ଟର ( ବ୍ଯାଟେରୀ ଚାଳିତ )
4. ଧଳା କାଗଜଫର୍ଦ କାନ୍ଥରେ ଟାଙ୍ଗିବା ପାଇଁ
5. କାନ୍ଥରେ ଧଳା କାଗଜଫର୍ଦ ଟାଙ୍ଗିବା ପାଇଁ କ୍ଲିପ/ ଶାଲୋ ଟେପ
6. ପ ଚାର୍ଟ ଏବଂ ମାର୍କର

## ସମ୍ପାଦନକାରୀଙ୍କ ପାଇଁ ନିର୍ଦ୍ଦେଶବଳୀ

ପ୍ରତ୍ୟେକ ମୋଡ୍ୟୁଲ ରେ ଅଲଗା ଅଲଗା ବିଷୟ ରଖାଯାଇଅଛି ଯାହା ସମ୍ପାଦନକାରୀ ଭାଗ ନେଉଥିବା ମହିଳା ମାନଙ୍କୁ ସଂପୂର୍ଣ୍ଣ ଭାବେ ଜଣେଇ  ପାରିବେ ,ଗୃପ କୁ ମଧ ପଚାରିପାରିବେ ଏବଂ ଗୃପ ର ସମସ୍ତେ ମିସିକି କାର୍ଜ୍ୟକ୍ରମ କୁ ସଂପୂର୍ଣ୍ଣ କରିବେ । ଏହା ପ୍ରତ୍ୟେକ ମୋଡ୍ୟୁଲ ରେ ଦର୍ଶାଅ ଯାଇଅଛି :



### କୁହନ୍ତୁ :

ଏଗୁଡ଼ିକ ହେଉଛି ଏପରି ଜିନିଷ ଯାହା ସମ୍ପାଦନକାରୀ  ଅଂଶଗ୍ରହଣକାରୀମାନଙ୍କୁ ଉଚ୍ଚ ସ୍ୱରରେ କହିପାରିବେ, ଯେପରିକି ଏକ ନୂତନ ବିଷୟ ବା ଧାରଣାର ପରିଚୟ ଦେବା



### ପଚାରନ୍ତୁ :

ଏହି ପ୍ରଶ୍ନ ଗୁଡିକ ସମ୍ପାଦନକାରୀ  ଅଂସଗ୍ରହଣ କରିଥିବା  ମହିଳା  ମାନଙ୍କୁ ପଚାରିପାରିବେ । ଯଦି ଅଂଶଗ୍ରହଣକାରୀ ପ୍ରଶ୍ନ ଟି ଠିକ ଭାବରେ ବୁଝି ନ ପାରନ୍ତି  ତେବେ ତାଙ୍କୁ ଆଉ ଥରେ ପ୍ରଶ୍ନ କୁହନ୍ତୁ ଏବଂ କିଛି ଉଦାହରଣ ମଧ ଦିଅନ୍ତୁ ଯାହା ସହଜରେ ଅଂଶଗ୍ରହଣକାରୀ   ମହିଳା ମାନେ ବୁଝିପାରିବେ



### କାର୍ଯ୍ଯକ୍ରମ :

ଏହିସବୁ କାର୍ଯ୍ୟଗୁଡ଼ିକ ହେଉଛି ଅଂଶଗ୍ରହଣକାରୀମାନଙ୍କ ସହିତ ସମ୍ପାଦନକାରୀ  ନେତୃତ୍ୱ ନେବେ। କାର୍ଜ୍ୟକ୍ରମ ରେ ଛିଡା ହେବା , ବୁଲାବୁଲି  କରିବା, ଅଭିନୟ କରିବା ଏବଂ ଚିତ୍ର ଆଙ୍କିବା ଅନ୍ତର୍ଭୁକ୍ତ ହୋଇପାରେ। ଗୃପ ସହିତ ମଜା କରନ୍ତୁ ଏବଂ ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ ଚେଷ୍ଟା କରନ୍ତୁ।

# 4 ଭିଡିଓ ପ୍ରଦର୍ଶନ ଏବଂ ଆଲୋଚନା ମୋଡୁଲ

# A) ମନରେଗା ସୂଚନା

*** ଶେଷ କରିବା ପାଇଁ 10 ମିନିଟ ସମୟ ଲାଗିବ**

## ଦରକାର ହେଉଥିବା ଉପକରଣ

- ସୂଚନା ପ୍ରଚାର ପତ୍ର

**ଅଧିବେଶନ ଆରମ୍ଭ କରିବାକୁ ସୂଚନା ଲିଫଲେଟ୍ ପାସ୍ କରନ୍ତୁ |**

### କୁହନ୍ତୁ :

ଓଡ଼ିଶାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା)ରେ ଆସେଟ /ସମ୍ପତ୍ତି ବାଛିବା  ପ୍ରକ୍ରିୟା ବିଷୟରେ ଆମେ ଆପଣଙ୍କୁ କିଛି କହିବା ସହିତ ଆମର ଅଧିବେଶନ ଆରମ୍ଭ କରିବାକୁ ଚାହୁଁଛୁ। ମୁଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏକ ଲିଫଲେଟ୍ ( ପ୍ରଚାର ପତ୍ର ) ପ୍ରଦାନ କରିଛି, ଯେଉଁଥିରେ ମୁଁ ବର୍ତ୍ତମାନ ଆପଣମାନଙ୍କ ସହିତ ଆଲୋଚନା କରିବା ବିଷୟ  ସବୁ ଉଲେଖ ଅଛି । ଏହି ପ୍ରଚାର ପତ୍ର ଟି ଆପଣଙ୍କୁ ଦିଆଯାଇଛି ରଖିବା ପାଇଁ ଏବଂ ତୁମେ ଏହାକୁ ତୁମର ଘର, ବନ୍ଧୁ ଏବଂ ପଡୋଶୀମାନଙ୍କୁ ଦେଖାଇପାରିବ। ଆପଣମାନେ ଜାଣନ୍ତି ଯେ, ଆପଣମାନଙ୍କ ମଧ୍ୟରୁ ଅନେକ ପରିବାର ଏମଜିଏନଆରଇଜିଏ ଜବ୍ କାର୍ଡଧାରୀ ହୋଇଥିବାରୁ ଏମଜିଏନଆରଇଜିଏ ଏକ ପ୍ରମୁଖ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଯାହା ଗ୍ରାମୀଣ ପରିବାରଗୁଡ଼ିକୁ ରୋଜଗାର ଏବଂ ଜୀବିକା ସୁରକ୍ଷା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ଉପାଦାନ ହେଉଛି ଆସେଟ/ ସମ୍ପତ୍ତି ନିର୍ମାଣ

ସମସ୍ତେ  MGNREGA ଶ୍ରମିକ, ଅର୍ଥାତ୍ ଯେଉଁମାନଙ୍କ ପାଖରେ ଜବ୍ କାର୍ଡ ଅଛି, ସେମାନଙ୍କର ଗ୍ରାମ ସଭା, ପଲ୍ଲୀ ସଭା, କିମ୍ବା ୱାର୍ଡ ସଭାରେ ଭାଗ ନେବାର ଅଧିକାର ଅଛି ଏବଂ ସାମୂହିକ ଭାବେ ସେମାନଙ୍କ ପଞ୍ଚାୟତ ପାଇଁ MGNREGA ଅଧୀନରେ ଅଗ୍ରାଧିକାର ଭିତିରେ  କରିବାକୁ ଥିବା କାର୍ଯ୍ୟ ର ପ୍ରସ୍ତାବ  ରହିଛି। କେଉଁ ଆସେଟ/ ସମ୍ପତ୍ତିକୁ ବାଛିବେ  ତାହା ସ୍ଥିର କରିବା ଏକ ସହଭାଗୀ ପ୍ରକ୍ରିୟା ଏବଂ ମହିଳାମାନଙ୍କ ସମେତ ସମସ୍ତ ନାଗରିକଙ୍କ ମତାମତ  ଦେବାର ଅଧିକାର ରହିଛି। ଏହି ସଭାଗୁଡ଼ିକ ହେଉଛି ସେହି ସ୍ଥାନ ଯେଉଁଠାରେ ନାଗରିକମାନଙ୍କର ସ୍ୱର ଉପସ୍ଥାପନ କରାଯାଇଥାଏ / ଶୁଣା  ଯାଇଥାଏ

ମନରେଗା ଯୋଜନାରେ ଆପଣ କେବଳ ବ୍ୟକ୍ତିଗତ କିମ୍ବା ଗାଁ ସମୂହ ର କାମ ପାଇଁ ଅନୁରୋଧ/ ଆବେଦନ କରିପାରିବେ I ବ୍ୟକତିଗତ କାମ ଗୁଡିକ କେବଳ ଆପଣଙ୍କ ପରିବାର ପାଇଁ I ଗାଁ ସମୂହ ର କାମ ଗୁଡିକ ଗାଁର ଏକାଧିକ ପରିବାର ପାଇଁ , ସଂପୂର୍ଣ୍ଣ ଗାଁ ପାଇଁ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀର ଏକାଧିକ ସଦସ୍ୟଙ୍କ ପାଇଁ I ଅଂସ ଗ୍ରହଣ କରିବା ଯୋଗୁ ଆପଣ ସ୍ୱର ଉପସ୍ଥାପନ କରିପାରିବେ ଯାହା ସମସ୍ତେ ଶୁଣିବେ ଏବଂ ଗ୍ରହଣ କରିବେ

ତେଣୁ ଆସେଟ/ ସମ୍ପତି ଆପଣ କଣ ବାଛିପାରିବେ ? ବହୁତ ପ୍ରକାର ର ଆସେଟ I ସରକାରଙ୍କ ତରଫରୁ ବହୁତ ଗୁଡିଏ ଆସେଟ / ସମ୍ପତି ଚିହ୍ନଟ କରି ଏକ ତାଲିକା କରାଯାଇଅଛି ଯାହା ମନରେଗା ଯୋଜନାର ଅଧି ନିୟମ ଅନୁସାରେ ହୋଇପାରିବ I 2023-2024 ମସିହା ପାଇଁ ସରକାର ଙ୍କ ଦ୍ୱାରା କେତେଗୁଡିଏ ଆସେଟ/ ସମ୍ପତି ଅଗ୍ରାଧିକାର ଭିତିରେ ଘୋଷଣା କରିଛନ୍ତି I ଏହି ବର୍ଷ ପ୍ରାକୃତିକ ସମ୍ପଦ ର ପରିଚାଳନା,କୃଷି ସମ୍ପର୍କିତ କାମ ଏବଂ ଜୀବନ ଜୀବିକା ପାଇଁ ବ୍ୟକ୍ତିଗତ ଜମିରେ କାମ ଏବଂ ଅଗ୍ରାଧିକାର ଭିତିରେ ବ୍ୟକ୍ତିଗତ ପରିବାର ପାଇଁ ଗୋରୁ ଗୁହାଳ ଇତ୍ୟାଦି I ଆପଣ ଗ୍ରାମ ରୋଜଗାର ସେବକ, ସରପଞ୍ଚ କିମ୍ବା ଓଡିଶା ସରକାରଙ୍କ ଅଧିକାରୀ ଙ୍କ ଠାରୁ ମଧ୍ୟ ବୁଝିପାରିବେ

ଆପଣଙ୍କ ଅଞ୍ଚଳରେ ବର୍ତମାନ ସୁଧା କେତେଗୁଡିଏ ଆସେଟ/ ସମ୍ପତି ନିର୍ମାଣ କରାଯାଇଅଛି ଯଥା-ରାସ୍ତା,ଗାଁ ପୋଖରୀ,ବ୍ୟକ୍ତିଗତ ନର୍ସରୀ ( ଚାରା ବଗିଚା ), ଜମି ସମତଳ କରିବା , ସଫା କରିବା କାମ, ଜଳସେଚନ ପାଇଁ କୂଅ,ଚାଷ ପାଇଁ ପୋଖରୀ,ଛେଳି ଗୁହାଳ,ଫଳଗଛ ରୋପଣ/ ବଗିଚା ,ମଧୁର ଜଳ ରେ ମାଛ ଚାଷ ଇତ୍ୟାଦି

ତେଣୁ ନିଜ ଜମି କିମ୍ବା ଘର ଡିହ ରେ ବ୍ୟକ୍ତିଗତ ଆସେଟ ପାଇଁ କିଏ ଇଚ୍ଛା କରିବେ ?

ପ୍ରଥମ- ତଫସିଲ୍ଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି , ଯାଯାବର, ଏବଂ ଅଣ ଘୋଷିତ ତଫସିଲଭୁକ୍ତ ଉପଜାତି ଇତ୍ୟାଦି

ଦିତୀୟ- ବି ପି ଏଲ ପରିବାର,ମହିଳା କିମ୍ବା ଯେଉଁ ଦିବ୍ୟାଙ୍ଗ ପରିବାରର ମୁଖିଆ

ତୃତୀୟ- ସରକାରଙ୍କ ତରଫରୁ ଜମିପାଇଥିବା ହିତାଧିକାରୀ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ର ହିତାଧିକାରୀ ( ଗ୍ରାମୀଣ ), ତଫସିଲଭୁକ୍ତ ଉପଜାତି ର ହିତାଧିକାରୀ ଏବଂ ଜଙ୍ଗଲ ରେ ପାରମ୍ପରିକ ଭାବରେ ବସ ବାସ କରୁଥିବା ଅନ୍ୟାନ୍ୟ ପରିବାର ଇତ୍ୟାଦି

ଶେଷରେ- କ୍ଷୁଦ୍ରର ଏବଂ ମଧ୍ୟମ ଧରଣର ଚାଷୀ ଯାହାର 5 ଏକରରୁ କମ ଜମି ଅଛି , ଭୂମିହିନ ଏବଂ ଦୈନିକ ମଜୁରିଆ ପରିବାର ଇତ୍ୟାଦି

ପରିବାର  ପାଇଁ କେବଳ ଗୋଟିଏ ଜିନିଷ ଦରକାର ତାହା ହେଲା ଜବ କାର୍ଡ  ଏବଂ ପରିବାରର ଅତି କମ ରେ ଜଣେ ସଦସ୍ୟ  ନିଜ ଜମିରେ କିମ୍ବା ଘର ଡିହ / ବାଡି ରେ କାମ କରିବା ପାଇଁ ଇଛା କରୁଥିବେ

ତେଣୁ , କେତେବେଳେ ଆପଣ ଆସେଟ ପାଇଁ ଦାବି/ ଆବେଦନ କରିପାରିବେ ?
ଏହି ପଦ୍ଧତି ଟି ଅକ୍ଟୋବର ମାସ  2 ତାରିଖ ରୁ ଆରମ୍ଭ ହୁଏ । ସରକାର ଙ୍କ ନିର୍ଦ୍ଦେଶ ଅନୁସାରେ ଗାନ୍ଧୀ ଜୟନ୍ତୀ ରେ ୱାର୍ଡ ସଭା/ପଲ୍ଲୀ ସଭା/ ଗ୍ରାମ ସଭା ଅନୁଷ୍ଠିତ ହୋଇ ପଞ୍ଚାୟତ ସ୍ତରରେ କାମ ପାଇଁ ଆଲୋଚନା କରାଯିବ ଏବଂ ତାହା  ଆସନ୍ତା  3 ମାସ ପର୍ଯ୍ୟନ୍ତ ବଳବତର ରହିବ / କାର୍ଯ୍ୟକାରୀ ହେବ ।

ଆସେଟ ଗୁଡିକ ପାଇଁ ୱାର୍ଡ ଏବଂ ପଲ୍ଲି ସଭାରେ ଦାବି ଉପସ୍ଥାପନ କରାଯାଇପାରିବ। ଗାଁ ର ନାଗରିକ ମାନଙ୍କୁ ପଲ୍ଲି ସଭାରେ କରିଥିବା ସେମାନଙ୍କର  ଦାବି ଅନୁସାରେ ଅଗ୍ରାଧିକାର ଭିତିରେ ବିଚାରକୁ ନିଆଯିବ ଏବଂ  ବାର୍ଷିକ ଅଟାକଳ ଯୋଜନା ରେ  ତାହାକୁ  ସାମିଲ କରାଯିବ।

ଏହି ସଭା ଗୁଡିକୁ ଆଖିଆଗରେ ରଖି , ପଞ୍ଚାୟତ ର ବାର୍ଷିକ ଅଟକଳ ଯୋଜନା ର ଅନୁମୋଦନ ପାଇଁ ଗୋଟିଏ ସ୍ଵତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ସାଧରଣତଃ ଅକ୍ଟୋବର  3 ତାରିଖ ଏବଂ ନଭେମ୍ବର 30 ତାରିଖ ଅଧରେ ଅନୁଷ୍ଠିତ ହୁଏ । ଅନୁମୋଦନ ହୋଇସାରିଲା ପରେ ପଞ୍ଚାୟତ ସ୍ତରୀୟ ଯୋଜନା କୁ  ଡିସେମ୍ବର 5 ତାରିଖ ମଧରେ ବ୍ଲକ କୁ ପଠାଯିବ । ଏହି ବର୍ଷ  ସରପଞ୍ଚ ମାନଙ୍କ ଧର୍ମଘଟ ପାଇଁ ଏହା ଟିକିଏ ବିଳମ୍ବ ହୋଇପାରେ । ଏହି ତାରିଖ ବିଷୟରେ ଅଧିକ ଜାଣିବା ପାଇଁ ଆପଣ ସ୍ଥାନୀୟ ସରପଞ୍ଚ  କିମ୍ବା ଗ୍ରାମ ରୋଜଗାର ସେବକ ଙ୍କ ସହିତ ଯୋଗାଯୋଗ କରିପାରିବେ ।

ଅଧିକ ସୂଚନା ଜାଣିବା ପାଇଁ ଆପଣଙ୍କ ଗ୍ରାମ ରୋଜଗାର ସେବକ , ୱାର୍ଡ ମେମ୍ବର  କିମ୍ବା ସମିତି ମେମ୍ବର ଙ୍କ  ସହିତ ଯୋଗାଯୋଗ କରନ୍ତୁ । ସେମାନଙ୍କର କାମ  ହେଲା ଆପଣ ମାନଙ୍କୁ ଯଥା ସମସ୍ତ ନାଗରିକ ଏବଂ ମହିଳା ମାନଙ୍କୁ ସହାୟତା କରିବା ।

ଏହି ପଦ୍ଧତି ଟି ପ୍ରତିବର୍ଷ କାର୍ଯ୍ୟକାରୀ ହୁଏ । ତେଣୁ  ଆପଣ ଯଦି ଏ ବିଷୟରେ ଏହି ବର୍ଷ ପାଇଁ ଅବଗତ ନାହାନ୍ତି/ ଜାଣି ନାହାନ୍ତି ତେବେ  ଦୟାକରି ପରବର୍ତୀ ବର୍ଷ ପାଇଁ ଆସେଟ/ ସମ୍ପତି ଟି କୁ ବିଚାର ପାଇଁ ରଖନ୍ତୁ

# B) ଭିଡିଓ ପ୍ରଦର୍ଶନ

* ସଂପୂର୍ଣ୍ଣ କରିବାକୁ **20-25** ମିନିଟ ଲାଗିବ

## ଦରକାର ପଡୁଥିବା ଉପକରଣ

- **ପ୍ରୋଜେକ୍ଟର , ସ୍କ୍ରିନ ଏବଂ ଅଂସ ଗ୍ରହଣ କରୁଥିବା ମହିଳା ମାନଙ୍କ ପାଇଁ ଭଲ ଭାବେ ଆରାମ ରେ ବସିବା ର ସୁବିଧା । ବ୍ୟକ୍ତିଗତ ସ୍ଥାନ ଯେଉଁଠି ଭିଡିଓ ପ୍ରଦର୍ଶନ ଭଲଭାବେ କରାଯାଇପାରିବ**

### କୁହନ୍ତୁ:

ବର୍ତମାନ ଆପଣ ଗୋଟିଏ ଛୋଟ ସିନେମା ଦେଖିବାକୁ ଯାଉଛନ୍ତି । ତାର ନା ହେଲା **ସ୍ୱରର ଶକ୍ତି : ମହାତ୍ମାଗାନ୍ଧି ନରେଗା ଯୋଜନାର ସଫଳତା କାହାଣୀ** । ଯେଉଁ କାହାଣୀ ଟି ଓଡିଶାର ଜଣେ ପ୍ରକୃତ ମହିଳା, ଯିଏ ନରେଗା ଯୋଜନାରେ ଅଂଶଗ୍ରହଣ କରି ଯୋଜନାର ଅନ୍ତର୍ଗତ ଗୋଟିଏ ଆସେଟ ପାଇଁ ଆବେଦନ କରି କିପରି ଗୋଟିଏ ଆସେଟ ପାଇଲେ ତାହା ଉପରେ ଆଧାରିତ ଗୋଟିଏ ସିନେମା । ସେମାନେ ଆସେଟ ଟି କିପରି ଆବେଦନ କଲେ, କି କି ସମସ୍ଯାର ସମ୍ମୁଖିନ ହେଲେ ଏବଂ ବିଭିନ୍ନ ପ୍ରକାର ସମସ୍ଯା କୁ ଅତିକ୍ରମ କରି ଆସେଟ ଟି କିପରି ପାଇଲେ ସେ ବିଷୟରେ ତାଙ୍କର ଅଭିଜ୍ଞତା ସବୁ ଏହି ସିନେମା ମାଧମ ରେ କହିବେ / ଜଣେଇବେ । ଆମେ ସମସ୍ତେ ଏହି ସିନେମା ଟି ସମସ୍ତେ ଦେଖିବା ସିନେମା ମଝିରେ ମୁଁ କିଛି ଜାଗାରେ ସିନେମା ଟି କୁ ସ୍ୱଳ୍ପ ସମୟ ପାଇଁ ବନ୍ଦ କରି ଆପଣ ମାନଙ୍କ ସହିତ ଏହା ବିଷୟରେ କିଛି ଆଲୋଚନା କରିବି ।

*** ସିନେମା ର ସ୍କ୍ରିନ, ପରଦା ଖୋଲନ୍ତୁ । ଏହି ସିନେମା ର ମଝିରେ 4-5 ଟି ଜାଗାରେ ସିନେମା ଟି ବନ୍ଦ ହେବ ଏବଂ ପରଦାରେ ପ୍ରଶ୍ନ ଉତର ଆଲୋଚନା ଆଲୋଚନା କରିବାକୁ ପଡିବ । ଠିକ ସ୍ଥାନରେ ସିନେମା ଟି ର ବିରତି କରିବା ପାଇଁ ସୁନିଶ୍ଚିତ କରନ୍ତୁ ଏବଂ ପରଦାରେ ପ୍ରଶ୍ନ ଉତର ଆଲୋଚନା କରନ୍ତୁ । ପ୍ରଶ୍ନ ଗୁଡିକୁ ବଡ ପାଟିରେ ପଢନ୍ତୁ ଯାହା ସମସ୍ତେ ଠିକ ଭାବରେ ଶୁଣିପାରିବେ**

# C) ଭିଡିଓ ଆଲୋଚନା :

## ପ୍ରତିବନ୍ଧକ ଗୁଡିକର ସମାଧାନ

*** ସଂପୂର୍ଣ୍ଣ କରିବାକୁ 10-15 ମିନିଟ ସମୟ ଦିଅନ୍ତୁ । ଯଦି ଭିଡିଓ ସମୟରେ ପଚରାଯାଇଥିବା ପ୍ରଶ୍ନଗୁଡ଼ିକ ଉପରେ ଆଲୋଚନା ଜୋରଦାର ହୋଇଛି, ତେବେ ଏହି ମଡ୍ୟୁଲ ଟି କମ ସମୟ ର ହେବ। ଯଦି ଭିଡିଓ ସମୟରେ ଆଲୋଚନା ଅପେକ୍ଷାକୃତ ସଂକ୍ଷିପ୍ତ ହୋଇଛି, ତେବେ ଏହି ମଡ୍ୟୁଲକୁ ବୃଦ୍ଧି କରାଯିବା ଉଚିତ୍।**

### ଉଦ୍ଦେଶ୍ୟ :

ଏହି ମଡ୍ୟୁଲର ଉଦ୍ଦେଶ୍ୟ ହେଉଛି ଭିଡିଓରେ ଦେଖାଯାଉଥିବା ବିଷୟ ଓ ଆଇଡିଆ କିପରି ମହିଳାଙ୍କ ନିଜ ଜୀବନ ସହ ଜଡିତ ତାହା ଜଣାଇବା । ବିଶେଷ କରି ଭିଡିଓରେ ଥିବା ମହିଳାମାନେ ନିଜ ଲକ୍ଷ୍ୟ ହାସଲ କରିବା ପାଇଁ କୌଣସି ପ୍ରତିବନ୍ଧକ ର ସମ୍ମୁଖିନ୍ନ ହୋଇଥିବା ଏବଂ ସେହି ପ୍ରତିବନ୍ଧକକୁ ସେମାନେ କିପରି ଅତିକ୍ରମ କଲେ ତାହା ଉପରେ ଆଲୋକପାତ କରିବା ଉପରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯିବା ଉଚିତ। ତା'ପରେ, ଅଂଶଗ୍ରହଣକାରୀମାନେ ସେହି ସମାନ ପ୍ରକାରର ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି କି ନାହିଁ ସେ ବିଷୟରେ ଆଲୋଚନା କରିବା ଉଚିତ (କିମ୍ବା ଅନ୍ୟମାନଙ୍କ ଠାରୁ ସେ ବିଷୟରେ ଶୁଣିଥିବା ଯେଉଁମାନେ ଏହି ପ୍ରକାର ପ୍ରତିବନ୍ଧକ ର ସମ୍ମୁଖିନ୍ନ ହୋଇଛନ୍ତି ) ଏବଂ ସେମାନଙ୍କୁ ପଚାରନ୍ତୁ ତାଙ୍କ ଜୀବନକାଳ ମଧ୍ୟରେ ଯଦି ସେମାନେ MGNREGA ସମ୍ପତ୍ତି ପାଇଁ ଅନୁରୋଧ କରି ପ୍ରତିବନ୍ଧକ ର ସମ୍ମୁଖିନ୍ନ ହୋଇଥିଲେ ଏବଂ ପ୍ରତିବନ୍ଧକ କୁ କିପରି ଅତିକ୍ରମ କରିଥିଲେ ।

### ଦରକାର ହେଉଥିବା ଉପକରଣ

ଫ୍ଲିପ ଚାର୍ଟ ଏବଂ ମାର୍କର

### କୁହନ୍ତୁ :

ମହିଳା ମାନେ ମନରେଗା ଯୋଜନାରେ ଗୋଟିଏ ଆସେଟ/ ସମ୍ପତି ପାଇବା ଭିନ୍ନ ଭିନ୍ନ ପ୍ରତିବନ୍ଧକ ରହିଥାଇପାରେ ଯାହା ମହିଳାମାନଙ୍କ ପାଇଁ ମନରେଗା ସମ୍ପତ୍ତି ହାସଲ କରିବା କଷ୍ଟକର ହୋଇପଡ଼େ ଯାହା ପ୍ରକୃତରେ ସେମାନଙ୍କ ଜୀବନକୁ ସହାୟକ ହୋଇପାରିବ ଏବଂ ସେମାନଙ୍କ ଜୀବିକାରେ ଉନ୍ନତି ଆଣିପାରିବ।

**ପ୍ରତିବନ୍ଧକ** ମାନେ  ଜଣେ ନିଜର ଲକ୍ଷ / ଇଚ୍ଛା କୁ ହାସଲ କରିବା ର ଅସୁବିଧା / ସମସ୍ଯା

ଚଳଚ୍ଚିତ୍ରରେ ମହିଳାମାନେ ସାମନା  କରିଥିବା ବିଭିନ୍ନ ପ୍ରତିବନ୍ଧକ ଏବଂ ସେହି ପ୍ରତିବନ୍ଧକକୁ ଅତିକ୍ରମ କରିବା ପାଇଁ ସେମାନେ ବ୍ୟବହାର କରିଥିବା ରଣନୀତିର କିଛି ତାଲିକା ମୁଁ ଏଠାରେ ପ୍ରସ୍ତୁତ କରିବାକୁ ଯାଉଛି। ତା'ପରେ, ମୁଁ ଆପଣମାନଙ୍କୁ ଅନ୍ୟ ପ୍ରତିବନ୍ଧକଗୁଡ଼ିକ ବିଷୟରେ ଚିନ୍ତା କରିବାକୁ ଚାହୁଁଛି ଯାହା ଆପଣ ଦେଖୁଛନ୍ତି ଯେ ଆପଣଙ୍କ ଭଳି ମହିଳାମାନେ MGNREGA ସମ୍ପତ୍ତି ପାଇଁ ଅନୁରୋଧ କରି ଲକ୍ଷ୍ୟ ହାସଲ କରିବାପାଇଁ ପ୍ରତିବନ୍ଧକ ର ସମ୍ମୁଖୀନ ହେଉଛନ୍ତି ଏବଂ ସେହି ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ବ୍ୟବହାର କରାଇଯାଇପାରୁଥିବା ରଣନୀତିଗୁଡ଼ିକ ବିଷୟରେ ଆପଣଙ୍କ ଚିନ୍ତାଧାରା ସବୁ କଣ ।

## ପଚାରନ୍ତୁ :

ଏହି ସିନେମା ରେ ମହିଳା ଜଣକ କେଉଁ ପ୍ରତିବନ୍ଧକ ବିଷୟରେ କହୁଛନ୍ତି ?  ମତରେ ଆସେଟ / ସମ୍ପତ୍ତି ଟି ପାଇଁ ଅନୁରୋଧ କରୁଥିବା ମହିଳାମାନଙ୍କ ପାଇଁ କେଉଁ  ପ୍ରତିବନ୍ଧକଗୁଡ଼ିକ  ସବୁଠାରୁ  ବଡ଼?  ଆପଣ ମାନେ କଣ କହିବେ ? ଆପଣ କିମ୍ବା ଆପଣ  ଜାଣିଥିବା  ଅନ୍ୟ କେହି  ଏହିଭଳି କିମ୍ବା ସମାନ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛନ୍ତି କି? ଏହାଛଡା ଆଉ କ'ଣ କଣ ପ୍ରତିବନ୍ଧକ ଥାଇପାରେ?

* ପ୍ରତ୍ୟେକ ଚାର୍ଟରେ ପ୍ରଶିକ୍ଷଣ ଅଧିବେଶନରେ ମହିଳାମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ଏବଂ ରଣନୀତିକୁ ପ୍ରତିଫଳିତ କରିବା ଉଚିତ। ଏହା କିପରି ସମ୍ଭବ ତାହା ଦର୍ଶାଇବା ପାଇଁ ଏଠାରେ ଏକ ଉଦାହରଣର  ଚାର୍ଟ ଦିଆଯାଇଛି। ଯଦି ମହିଳାମାନେ  ଏହି ବିଷୟରେ ଜାଣିବା  ପାଇଁ ସଙ୍ଘର୍ଷ କରୁଛନ୍ତି, ତେବେ ଆପଣ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ନିମ୍ନରେ ଦିଆୟାଇଥିବା କେତେକ ଉଦାହରଣ ବ୍ୟବହାର କରିପାରିବେ।  ମହିଳାମାନେ ସେମାନଙ୍କର ଯେଉଁ ଧାରଣା ପ୍ରଦାନ  କରୁଥିବେ ତାକୁ ଏକ  ତାଲିକାରେ ପୂରଣ କରିବା ପାଇଁ ସମ୍ପାଦନକାରୀ ଜଣେ ସହାୟକ ଙ୍କ  ସାହାଯ୍ଯ ନେବେ  ଯିଏ କାଗଜ କଲମ ଧରି ସବୁ ଲେଖିବେ ।

| ପ୍ରତିବନ୍ଧକ | ଉପାୟ |
|---|---|
| - ଲୋକମାନଙ୍କ ସମ୍ମୁଖରେ, ସର୍ବସାଧାରଣ ସ୍ଥଳରେ କହିବା ଅସୁବିଧା ହୋଇପାରେ | - ସଭା ହେବା ପୂର୍ବରୁ ମୁଁ ମୋର ପଡୋଶୀ, ସ୍ୱାମୀ ଏବଂ ଗାଁ ର ଅନ୍ୟମାନଙ୍କ ସହିତ ଆଲୋଚନା କରିବି ଏବଂ ସଭାରେ ସେମାନଙ୍କର ସମର୍ଥନ ହାସଲ କରିବି |
| - ମୁଁ ଯେଉଁ ଆସେଟ/ ସମ୍ପତି ପାଇଁ ସୁପାରିସ କରିବି/ କହିବି ସେଥିରେ ମୋର ସ୍ୱାମୀ ରାଜି ହେବେ ନାହିଁ | - ଆମେ ଆମର ପସନ୍ଦ ବିଷୟରେ ଉଭୟ ଆଗରୁ ଆଲୋଚନା କରିପାରିବା, ଏବଂ ହୁଏତ ମୁଁ ସ୍ବାମୀଙ୍କ ପ୍ରତିକ୍ରିୟାରେ ଆଶ୍ଚର୍ଯ୍ୟ ହୋଇପାରେ , କିନ୍ତୁ ଭବିଷ୍ୟତ |

| ପ୍ରତିବନ୍ଧକ | ଉପାୟ |
|---|---|
| | ପାଇଁ ମୋ ଚିନ୍ତାଧାରାକୁ ସେ ନିଶ୍ଚିତ ମନେ ରଖିପାରନ୍ତି<br>- ମୁଁ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ମୋର ସମ୍ପତ୍ତି ର ପସନ୍ଦ ବିଷୟରେ ଆଲୋଚନା କରିପାରିବି ଏବଂ ମୋ ସହିତ ଏକ ପ୍ରକଳ୍ପ/ଆସେଟ ସୁପାରିଶ କରିବା ପାଇଁ ଅନ୍ୟ ମହିଳାମାନଙ୍କୁ କହି ପାରିବି |
| - ପୁରୁଷ ମାନେ ଆଗରୁ ଜାଣିଛନ୍ତି କୋଉଟା ଠିକ ଆଉ କୋଉଟା ଭୁଲ , ତେଣୁ ମୋତେ କହିବା ଦରକାର ନାହିଂ | - କେତେଗୁଡିଏ ଜିନିଷ ଅଛି ଯାହା ମହିଳା ମାନେ ଇଚ୍ଛା କରନ୍ତି , କିନ୍ତୁ ପୁରୁଷ ମାନେ ତାକୁ କମ ଗୁରୁତ୍ୱ ଦିଅନ୍ତି ( ଯଥା- ଆବର୍ଜନା କୁଣ୍ଡ, ପାଇଖାନା,ଫଳଗଛର ଚାରା ରୋପଣ, ଜାଳେଣୀ / ଇନ୍ଧନ ପାଇଁ ଚାଷ ଏବଂ ପୁଷ୍ଟିକର ବଗିଚା ଇତ୍ୟାଦି ଯାହା ମହିଳା ଙ୍କ ପାଇଁ ଏକ ମୁଲ୍ଯବାନ ଆସେଟ/ ସମ୍ପତି ଅଟେ |
| - ମୁଁ ପ୍ରକୃତରେ ନିଶ୍ଚିତ ନୁହେଁ ଯେ କେଉଁ ପ୍ରକାରର ପ୍ରକଳ୍ପ/ଆସେଟ ପାଇଁ ମୁଁ ଆବେଦନ କରିବି | - ଆବେଦନ କରିବାପାଇଆନ ଭାବିଥିବା ଆସେଟ /ପ୍ରକଳ୍ପ ପାଇଁ ମୁଁ ମନରେଗା ଯୋଜନାର ଅଧିକାରୀ କିମ୍ବା ଯେଉଁ ମାନଙ୍କୁ ମୁଁ ଜାଣିଛି ସେହି ଲୋକମାନଙ୍କ ସହିତ ଆଲୋଚନା କରିପାରିବି |
| - ମୁଁ ଘର କାମରେ ଏବଂ ପିଲା ମାନଙ୍କର ଦାୟିତ୍ୱ ନେବାରେ ଏତେ ବ୍ୟସ୍ତ ରହୁଛି ଯେ ଏହି କାର୍ଯ୍ୟ କରିବାକୁ ସମୟ ପାଏନି | - ମୁଁ ଅନ୍ୟ ମହିଳା ଙ୍କ ସହିତ ମିଶି କି ଏବଂ ତାଙ୍କ ର ସହାୟତା ରେ ଆସେଟ/ ପ୍ରକଳ୍ପ ତିଆରିକରିପାରିବି |
| - ପଲ୍ଲିସଭା କିମ୍ବା ଗ୍ରାମସଭା ରେ ଅଂଶଗ୍ରହଣ କରିବାକୁ ମୋତେ ଅନୁମତି ନାହିଂ | - ପଲ୍ଲି ସଭା ରେ ମୁଁ ଆବେଦନ କରିଥିବା ଆସେଟ ର ଅନୁମୋଦନ ପାଇଁ ମୁଁ ଗାଁ ର ୱାର୍ଡ ମେମ୍ବର କିମ୍ବା ଅନ୍ୟ ମାନଙ୍କୁ ,ଯଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ଅନୁରୋଧ କରିବି |
| - ଆସେଟ ପାଇଁ ଦାବି କରିବା ର କିଛି ମୂଲ୍ୟ ନାହିଂ କାରଣ ମହିଳା ମାନଙ୍କର କଥା କୁ କେହି କର୍ଣପାତ କରନ୍ତି ନାହିଂ /ଶୁଣନ୍ତି ନାହିଂ / ହେୟଜ୍ଞାନ କରନ୍ତି | - କେହି କର୍ଣପାତ ନକଲେ ବି/ କେହି କଥା ନ ଶୁଣିଲେ ବି ମୁଁ ଅନ୍ୟ ମହିଳା ମାନଙ୍କ ସାହାଜ୍ଯ ନେଇ ଦାବି ଉପସ୍ଥାପନ କରିପାରିବି ଯାହା ମତେ ଆତ୍ମ ସନ୍ତୋଷ ମିଳିପାରିବ |

10 ମିନିଟ ବ୍ରେକ ଦିଅନ୍ତୁ

# 5 ଦକ୍ଷତା ମୋଡୁଲ

# D) ସାମାଜିକ ନକ୍ସା ଅଙ୍କନ କାର୍ଯ୍ୟକ୍ରମ

*** ସଂପୂର୍ଣ୍ଣ କରିବା ପାଇଁ 20-30 ମିନିଟ ସମୟ ଲାଗିବ**

## ଉଦ୍ଦେଶ୍ୟ :

ଏକ ସାମାଜିକ ନକ୍ସା ଟି ହେଉଛି ଗୋଟିଏ ପକ୍ଷୀର ଆଖି ସଦୃଶ , ଯେଉଁ ମାନଚିତ୍ରରେ ଗାଁ ରେ ଥିବା ଭିତିଭୂମି ଗୁଡିକର ସ୍ଥାନ ଦର୍ଶାଯାଇଥାଏ ଯାହାକୁ ନେଇ ଗାଁ ର ଲୋକମାନେ ବସବାସ କରି କାମଧନ୍ଦା କରି ଚଳନ୍ତି । ଏହି ନିର୍ଦ୍ଦିଷ୍ଟ ସାମାଜିକ ନକ୍ସା ଟି ତିଆରି କରିବାର ଉଦ୍ଦେଶ୍ୟ ହେଉଛି ଲୋକମାନେ ବସବାସ କରୁଥିବା ସ୍ଥାନରେ ମନରେଗା ଯୋଜନା ମାଧ୍ୟମରେ ଆସେଟ ଗୁଡିକର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବା ଯାହା ସେମାନଙ୍କ କାମରେ ଆସିବ । ଏହି ସାମାଜିକ ନକ୍ସା /ମାନଚିତ୍ର ଟି ରେ ନିର୍ଦ୍ଦିଷ୍ଟ ଭାବେ ଆସେଟ ନିର୍ମାଣ ର ସବୁ ଦର୍ଶାଇବ ଯଥା ଆସେଟ ଟି ଅଂଶଗ୍ରହଣ କାରୀ ମାନଙ୍କ ଘର ପାଖାପାଖି ହୋଇଥିବ, ନିଜ ଘର ଟିକୁ ବି ଅନ୍ତର୍ଭୁକ୍ତ କରାଯିବ, ପଡ଼ୋଶୀଙ୍କ ଘର, ରାସ୍ତା ବା ଗଳି , ଜଳସେଚନ ସମ୍ବନ୍ଧୀୟ ଭିତ୍ତିଭୂମି, ଚାଷ କରାଯାଉଥିବା ଜମି, ଗୋଚର ,ଚାରଣଭୂମି, ପତିତ ବା ପଡିଆ ଜମି, ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ( ଡ୍ରେନ ) ଏବଂ ଭୂତଳ ଜଳ ସମ୍ବନ୍ଧୀୟ ଭିତ୍ତିଭୂମି ସବୁ ଦର୍ଶାଯିବ । ବିସ୍ତୃତ ବର୍ଗୀକରଣ କାରଣରୁ, କେବଳ ଭାଗ ନେଉଥିବା ମହିଳାଙ୍କ ଘର ନିକଟରେ ଏକ ଛୋଟ ଭୌଗଳିକ କ୍ଷେତ୍ର ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଆବଶ୍ୟକ। ବିଚାର ପାଇଁ ଉପଯୁକ୍ତ ମନରେଗା-ସମ୍ପତ୍ତି ନିମ୍ନ ସାରଣୀରେ ତାଲିକାଭୁକ୍ତ କରାଯାଇଛି। ସମୁଦାୟ ଗାଁ ର ନକ୍ସା କିମ୍ବା ବହୁତ ବଡ ଅଞ୍ଚଳର ନକ୍ସା ତିଆରି କରିବା ପାଇଁ ଦୟାକରି ମହିଳା ଙ୍କୁ ମନା କରନ୍ତୁ। ଏହି ନକ୍ସା ଟି ତିଆରି କରିବାର ଉଦ୍ଦେଶ୍ୟ ହେଉଛି ସେମାନଙ୍କର ଘର ପାଖରେ ମନରେଗା ଯୋଜନାରେ କି ପ୍ରକାର ଆସେଟ ନିର୍ମାଣ କରାଯାଇପାରିବ ସେ ବିଷୟରେ ଚିନ୍ତାକରିବା ଯାହା ସେମାନଙ୍କ ପାଇଁ ଦରକାର ରେ ଆସିବ

ଏହି ନକ୍ସା ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ସେମାନଙ୍କ ଘର ନିକଟରେ ଥିବା ଖାଲି ସ୍ଥାନ ବିଷୟରେ ଭାବିବାରେ ସାହାଜ୍ୟ କରିବ ଯେଉଁଠାରେ ମନରେଗା ଯୋଜନା ମାଧ୍ୟମରେ ଏକ ସମ୍ପତ୍ତି /ଆସେଟ ସେମାନଙ୍କ ପାଇଁ ନିର୍ମାଣ କରାଯାଇପାରିବ ଏବଂ ସେମାନଙ୍କର ର ଉପକାରରେ ଆସିପାରିବ । ମହିଳା ମାନେ ସବୁ ପ୍ରତିବନ୍ଧକ କୁ ଏଡାଇ / ଅତିକ୍ରମ କରି ଆସେଟ ନିର୍ମାଣ କରିବାରେ ପ୍ରଭାବିତ କରିବ , ସେମାନଙ୍କ ପାଇଁ ପ୍ରଥମ ଗୁରୁତ୍ବପୂର୍ଣ କଥା ହେଲା ବର୍ତମାନ କି ପ୍ରକାର ଆସେଟ ଅଛି ଏବଂ କି ପ୍ରକାର ଆସେଟ ନିର୍ମାଣ କରାଗଲେ ଅଧିକ ଉପକାର ରେ ଆସିବ ।

## ପୃଷ୍ଠଭୂମି

| କି ପ୍ରକାର ଆସେଟ | ଉଦାହରଣ |
|---|---|
| **ଜଳସେଚନ ସମ୍ବନ୍ଧୀୟ କାର୍ଯ୍ୟ** | କୂଅ ଖୋଳିବା ,ଚାଷ ପୋଖରୀ, ଜଳ ଅମଳ ପ୍ରକଳ୍ପ , କ୍ଷୁଦ୍ର ଜଳସେଚନ କେନାଲ |
| **ନାଳି (ଡ୍ରେନ) ଏବଂ ଭୂତଳ ଜଳର ମରାମତି** | ଜଳପୂର୍ଣ୍ଣ ଅଞ୍ଚଳରେ ଡ୍ରେନ ତିଆରି କରିବା,ପୋଖରୀ/ଗାଡିଆ /ପୁରୁଣା କେନାଲ କିମ୍ବା ପୁରୁଣା କୂଅ ରୁ ପଙ୍କ ଉଧାର କରିବା |
| **ଜମି ସମତଳ/ ବିକାଶ କରିବା** | ଜମି ସମତଳ,ଗୋଚର ଜମିର ବିକାଶ,ପଡିଆ ପଡିଥିବା ଜମିର ବିକାଶ ଇତ୍ୟାଦି |
| **ଉଦ୍ୟାନ କୃଷି /ଫଳ ବଗିଚା ଏବଂ ବୃକ୍ଷରୋପଣ** | ବୃକ୍ଷ ରୋପଣ ; ଉଦ୍ୟାନ ବିଭାଗ ର ସହାୟତା ରେ |
| **ଗୋପାଳନ /ପଶୁଧନ ର ବିକାଶ** | କୁକୁଡାଘର , ଛେଳି କିମ୍ବା ଘୁଷୁରି ଗୁହାଳ,ଅନ୍ୟାନ୍ୟ ପଶୁଧନ ସମ୍ପର୍କିତ ପ୍ରକଳ୍ପ |
| **ମାଛ ଚାଷର ବିକାଶ** | ମଧୁର ଜଳ ରେ ମାଛ ଚାଷ : ଶୁଖୁଆ ସୁଖେଇବା ପାଇଁ ଖଳା, ମାଛ ଗୋଦାମ (ଷ୍ଟୋର) କରି ରଖିବା ବ୍ୟବସ୍ଥା ,ଅନ୍ୟାନ୍ୟ ମତ୍ସ୍ଯ ବିକାଶ ପ୍ରକଳ୍ପ |
| **ଗ୍ରାମ୍ୟ ସଡକ** | ଗ୍ରାମ୍ୟ ସଡକ ପ୍ରକଳ୍ପ |

ସୂତ୍ର- ମନରେଗା ୱେବ ସାଇଟ ରୁ ଉଦ୍ଧୃତ I ଏଠାରେ ସମସ୍ତ ପ୍ରକାର ଆସେଟ ଉପଲବ୍ଧ
https://megsres.nic.in/sites/default/files/mgnrega-permissible-work-list.pdf

## କି କି ଉପକରଣ ଗୁଡିକ ଦରକାର

ଫ୍ଲିପ ଚାର୍ଟ ଏବଂ ମାର୍କର

### କାର୍ଯ୍ୟକ୍ରମ :

- ମହିଳା ମାନଙ୍କୁ ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ବର୍ଣନା କରନ୍ତୁ ଏବଂ ଅତିରିକ୍ତ ଆସେଟ/ସମ୍ପତି ଗୁଡିକ ସେମାନଙ୍କ ପାଇଁ କିପରି ଉପକାରରେ ଆସିବ ଯାହା ମହିଳା ମାନଙ୍କର ଜୀବନ ଜାପାନ ଶୈଳୀ ସହଜ ହେବ ଏବଂ ଚାଷ ଜମିର ଉତ୍ପାଦନ ରେ ବୃଦ୍ଧି ହେବ
- ଗାଁର ମାନଚିତ୍ର /ନକ୍ସା ଆଂକିବା ପାଇଁ ଧଳା କାଗଜ ଫର୍ଦ ( ଫ୍ଲିପ ଚାର୍ଟ ) ଏବଂ ମାର୍କର କଲମ କିମ୍ବା ଅନ୍ୟାନ୍ୟ ଚିତ୍ର କରିବା ଉପକରଣ ବ୍ୟବହାର କରନ୍ତୁ ଏବଂ ଅଂଶଗ୍ରହଣକାରୀଙ୍କୁ କୁହନ୍ତୁ ସେ ଚାର୍ଟ ପେପର ରେ ପ୍ରଥମେ ପୂର୍ବ,ପଶ୍ଚିମ,ଉତର, ଏବଂ ଦକ୍ଷିଣ ଦିଗ ଆଙ୍କିବେ I ତାପରେ ସେମାନେ ନିଜ ଘରର ସ୍ଥିତି କୁ ମାନଚିତ୍ର/ ନକ୍ସା ରେ ଅଙ୍କନ କରିବେ ଏବଂ ଯଦି ଗାଁ ରେ ଥିବା କେନାଲ,ରାସ୍ତା କିମ୍ବା ଗଳି ମଧ ଆଙ୍କିବେ , ଯଦି ଗାଁ ରେ ଆଖିଦୃଷ୍ଟିଆ ଭିତିଭୂମି ଅଛି ଯଥା-ସ୍କୁଲ,ସ୍ୱାସ୍ଥ୍ୟ କେନ୍ଦ୍ର,ପିଇବା ପାଣି ର ନଳକୂଅ କିମ୍ବା ଧାର୍ମିକ

ଅନୁଷ୍ଠାନ ( ମନ୍ଦିର, ମସ୍ଜିଦ, ଚର୍ଚ, ମଠ ଇତ୍ୟାଦି ) କୁ ମଧ୍ୟ ଦର୍ଶାଇବାକୁ କୁହନ୍ତୁ । ନକ୍ସା ରେ ଗାଁ ର ସଂପୂର୍ଣ୍ଣ ଚିତ୍ର ଆଂକିବା ଦରକାର ନାହିଁ

- ନକ୍ସା ରେ ଘର ଗୁଡିକ ଆଙ୍କି ସାରିଲା ପରେ ଘର ପାଖରେ ଥିବା ଚାଷ ଜମି ବିଷୟରେ ପଚାରନ୍ତୁ । କେଉଁ ଅଞ୍ଚଳର ଜମିରେ ଅଧିକ ଫସଲ ଉତ୍ପାଦନ ହେଉଅଛି, କେଉଁ ଅଞ୍ଚଳରେ ଜମି ଗୁଡିକ ପଡିଆ ପଡିଅଛି,?ଜମି ରେ ଜଳସେଚନ ର ବ୍ୟବସ୍ଥା / ଭିତିଭୂମି କରାଯାଇଅଛି କି ? ଭୂତଳ ଜଳ କିମ୍ବା ଡ୍ରେନ ର ବ୍ୟବସ୍ଥା ଅଛି କି ? କୂଅ, ପୋଖରୀ,ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ ସୁବିଧା ଅଛି କି ?
- ସାମାଜିକ ନକ୍ସା / ମାନଚିତ୍ର ଆଙ୍କି ସାରିଲା ପରେ , ଗାଁ ର କେଉଁ ସ୍ଥାନରେ କି ପ୍ରକାର ନିର୍ଦ୍ଦିଷ୍ଟ ଆସେଟ/ ସମ୍ପତି ନାହିଁ ଏବଂ କେଉଁ ଜାଗାରେ ନିର୍ମାଣ କରାଯିବ ସେ କଥା ମହିଳା ମାନଙ୍କୁ ତଥା ପରିବାର ଲୋକଙ୍କୁ,ପଡୋଶୀ ମାନଙ୍କୁ କିମ୍ବା ଗାଁ ର ଅନ୍ୟ ଲୋକମାନକୁ ବୁଝାଇବାରେ ସାହାଯ୍ଯ କରିବା। ନିମ୍ନରେ ଥିବା ବିଷୟ ଗୁଡିକ ର ପ୍ରଶ୍ନ ପଚାରନ୍ତୁ
- *ଗାଁ ର ନକ୍ସା ଆଙ୍କି ସାରିଲା ପରେ ତାର ଗୋଟିଏ ଫୋଟୋ ଉଠେଇକି ସୁପରଭାଇଜର ଙ୍କ ପାଖକୁ ପଠାନ୍ତୁ*

## ପଚାରନ୍ତୁ :

- MGNREGA ଯୋଜନା ମାଧ୍ୟମରେ କେଉଁ ପ୍ରକାରର ସମ୍ପତ୍ତି କିମ୍ବା କାର୍ଯ୍ୟ ଉପଲବ୍ଧ ଅଛି ତାହା ଏହି ନକ୍ସା /ମାନଚିତ୍ରରେ ଖାଲି ଥିବା ସ୍ଥାନରେ ପୂରଣ କରିପାରିବ ଯାହା ଗୋଷ୍ଠୀର ସମସ୍ତ ମହିଳାଙ୍କୁ ସାହାଯ୍ଯ କରିବ
- ଯଦି ନିର୍ମାଣ ହୋଇଛି ତେବେ ଏହାର ନିର୍ଦ୍ଦିଷ୍ଟ ହିତାଧିକାରୀ ମାନେ କିଏ ହେବେ ?
- ପ୍ରକୃତରେ ଲାଭ କ'ଣ ହେଇପାରେ ? ଅଧିକ ଲାଭ ମିଳିବ କି? ସେମାନେ ଲାଭ ଅର୍ଥରେ କ'ଣ କରିବେ? ପିଲାଙ୍କୁ ସ୍କୁଲରେ ପାଠପଢାଇବେ କି? ସମ୍ପତ୍ତି କିଣିବେ କି ? ଇତ୍ୟାଦି
- ଟିକେ କିଛି ସମୟ ଭାବନ୍ତୁ , ଯଦି ଆପଣଙ୍କୁ ଗୋଟିଏ ଆସେଟ ମିଳେ ତେବେ ଆପଣଙ୍କର କଣ ଉନ୍ନତି ହେବ, ଆସେଟ ଟି କଥା ମନେ ପକାଇ ଭାବନ୍ତୁ କି ଆପଣ ଆସେଟ ଟି ବ୍ୟବହାର କରୁଛନ୍ତି , ମନେ ମନେ ଭାବନ୍ତୁ କି ଅଧିକ କେତେ ରୋଜଗାର ହେବ/ କାମ ର ଚାପ କମିଯିବ ଇତ୍ୟାଦି

# E) ଲକ୍ଷ ହାସଲ

*** ସଂପୂର୍ଣ୍ଣ କରିବା ପାଇଁ 10-15 ମିନିଟ ସମୟ ଦିଅନ୍ତୁ**

## ଉଦ୍ଦେଶ୍ୟ

ଏହି ବିଭାଗ ରେ  ଯେଉଁ ବିଷୟ ଆଲୋଚନା କରାଯିବ ତାହା ମହିଳା ମାନେ କିପରି ମହାତ୍ମାଗାନ୍ଧି ନରେଗା ଯୋଜନା ର  କାର୍ଯ୍ୟାନ୍ୱୟନ   ପଦ୍ଧତି  ରେ କିପରି ଅଂଶଗ୍ରହଣ କରିବା କଥା  ତାହା ହେଲା ନିର୍ଦ୍ଦିଷ୍ଟ  ଲକ୍ଷ  ଏବଂ ଯେଉଁ ଲକ୍ଷ ଗୁଡିକ ବହୁତ ନିର୍ଦ୍ଦିଷ୍ଟ, ମାନ ନିର୍ଦ୍ଧାରଣ , ପ୍ରଯୁଜ୍ୟ ଏବଂ ସମୟ ଭିତିକ ସେ ବିଷୟରେ ଶିଖିବା କଥା ।

### କୁହନ୍ତୁ :

ତାଲିମ ର ଏହି ବିଭାଗ ଟି ଏକ ଫଳପ୍ରଦ ଲକ୍ଷ ରେ କିପରି ପହଞ୍ଚିବା ତାହା ବର୍ଣ୍ଣନା କରାଯାଇଅଛି । କିଛି ନୂଆ କରିବା ପାଇଁ କହିବା ଆମ ମାନଙ୍କ ପାଇଁ ବହୁତ ସହଜ ହୋଇପାରେ , ଯଥା ନରେଗା ଆସେଟ  ବାଛିବା ପଦ୍ଧତି ରେ ଅଂଶଗ୍ରହଣ କରିବା , କିନ୍ତୁ କିଛି ନୂଆ ଜିନିଷ  କରିକି କାମରେ ଦେଖେଇବା ଆମ ମାନଙ୍କ ପାଇଁ  ପ୍ରକୃତରେ ବହୁତ କଷ୍ଟକର ହୋଇପାରେ । ଆମେ ମାନେ ସମସ୍ତେ ବହୁତ କାର୍ଯ୍ୟବ୍ୟସ୍ତ । ଆମ ମାନଙ୍କ ଉପରେ  ଅନ୍ୟାନ୍ୟ କାମର  ବହୁତ ଦାୟିତ୍ୱ  ଏବଂ ଆମେ ମାନେ ନିଜେ ମଧ୍ୟ ଅନିଶ୍ଚିତ ?

ନିର୍ଦ୍ଦିଷ୍ଟ  ଲକ୍ଷ ସ୍ଥଳରେ ପହଞ୍ଚିବାକୁ ହେଲେ / ଗଢିବା କୁ ହେଲେ ତଳସ୍ତରରେ ଥିବା  ସମସ୍ତ ପ୍ରତିବନ୍ଧକକୁ ଭାଙ୍ଗି ଆମକୁ  କିଛି ନୂଆ କରି ଯୋଜନା କରିବାକୁ ପଡିବ ।  ଗୋଟିଏ  ନିର୍ଦ୍ଦିଷ୍ଟ  ଲକ୍ଷ / ଇଚ୍ଛା ପୂରଣ କରିବା ପାଇଁ   ଇଚ୍ଛାଶକ୍ତି କଣ କରିପାରେ ? ନିର୍ଦ୍ଦିଷ୍ଟ  ଲକ୍ଷ ର 5 ଟି ମୁଖ୍ୟ ଗୁଣ ଅଟେ :

**ବିଶେଷତ୍ୱ /ନିର୍ଦ୍ଦିଷ୍ଟ  :** ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ ମାନେ ଜଣେ ତାର କାର୍ଯ୍ୟ / କର୍ତବ୍ୟ ସମ୍ପାଦନ କରିବା ପାଇଁ କାହା ସହିତ ଏବଂ କାହିଁକି  ଇଚ୍ଛା କରେ । ଉଦାହରଣ ସ୍ୱରୂପ - ମୁଁ ନରେଗା ଯୋଜନାରେ ବ୍ୟକ୍ତିଗତ  କିମ୍ବା ଗାଁ / ଗୋଷ୍ଠୀ ପାଇଁ ଗୋଟିଏ ଆସେଟ ସୁପାରିସ କରିବା ପାଇଁ ଇଚ୍ଛା କରେ  କିମ୍ବା  ମୁଁ ପ୍ରଥମ ପଲ୍ଲିସଭା ରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରେ  କିମ୍ବା ଆମ ଅଞ୍ଚଳରେ / ଗାଁ ରେ ନରେଗା କାମ ବୁଝାବୁଝି କରୁଥିବା  ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ପାଇଁ ଇଚ୍ଛା କରେ  ।

**ମାନ ନିର୍ଦ୍ଧାରଣ :** ଗୋଟିଏ ମାନନିର୍ଦ୍ଧାରଣ  ଲକ୍ଷ ର ଅର୍ଥ  ଆପଣ ଆପଣଙ୍କର ଲକ୍ଷସ୍ଥଳରେ ପହଞ୍ଚିବା ପାଇଁ / ଲକ୍ଷ ହାସଲ କରିବା ପାଇଁ / ଇଚ୍ଛା କରିଥିବା ଜିନିଷ ପାଇଁ  ଆଗକୁ ଅଗ୍ରସର ହେଉଛନ୍ତି / ଉନ୍ନତି

ହେଉଅଛି । ଉଦାହରଣ ସ୍ୱରୂପ- ଆପଣ କହିପାରନ୍ତି ଆପଣ ସଫଳ ହୋଇଛନ୍ତି ବୋଲି କିପରି ଜାଣିପାରିଲେ।

**ଲକ୍ଷସାଧନ କରିବା :** ଲକ୍ଷ ର ଅର୍ଥ ହେଲା ଆପଣଙ୍କୁ ପ୍ରେରଣା ଦେବା/ ଉତ୍ସାହିତ କରିବା , ନିରୁତ୍ସାହିତ କରିବା ନୁହେଁ । **ଏହି ବିଷୟରେ ଭାବନ୍ତୁ :** (1) ଆପଣ କିପରି ନିଜର ଲକ୍ଷ ପୂରଣ କରିବେ, ( **2** ) ଯଦି ଆପଣଙ୍କ ପାଖରେ କିଛି ସୂଚନା ଅଛି ତେବେ ଆପଣ ଏହାକୁ ପୂରଣ କରିବା ଦରକାର , ଏବଂ (**3** ) ଏହା ବାବଦରେ କିପରି ଅଧିକ ସୂଚନା ପାଇବେ କିମ୍ବା ଯଦି ଦରକାର ଅଛି ତେବେ ସହାୟତା କିପରି ପାଇବେ । ଯଦି କି ପ୍ରକାର ନିର୍ଦ୍ଦିଷ୍ଟ ଆସେଟ ପାଇଁ ଆପଣ ଅନୁରୋଧ କରିବେ ସେ ବିଷୟରେ କିଛି ଧାରଣା ନାହିଁ ତେବେ ଆପଣ ପଲ୍ଲି ସଭା ରେ ଅଂସ ଗ୍ରହଣ କରି ନିଜର ମତାମତ ଉପସ୍ଥାପନ କରିପାରିବେ କିମ୍ବା ଆମ ଅଞ୍ଚଳରେ / ଗାଁ ରେ ନରେଗା କାମ ବୁଝାବୁଝି କରୁଥିବା ଅଧିକାରୀ ମାନଙ୍କ ସହିତ ଆଲୋଚନା କରିପାରିବି ଜିଏକି ଆସେଟ ବିଷୟରେ ମତେ କିଛି ଧାରଣା ଦେଇପାରିବ, ଯାହା ଆମ ପାଇଁ /ଗାଁ ପାଇଁ ଉପକାରରେ ଆସିବ କିମ୍ବା ଆପଣଙ୍କ ସ୍ୱାମୀ ଙ୍କ ସହିତ ମୂଲ୍ୟବାନ ଆସେଟ / ଉପକାରୀ ଆସେଟ ବିଷୟରେ ଆଲୋଚନା କରିପାରିବେ । ମୁଖ୍ୟ କଥା ହେଲା ଆପଣ ଇଛା କରୁଥିବା / ଚାହୁଁଥିବା ଆସେଟ / ଲକ୍ଷ ହାସଲ ବିଷୟରେ ସଂପୂର୍ଣ୍ଣ ଅବଗତ ହେବା ଯାହା ଆପଣଙ୍କ ଇଚ୍ଛା କରନ୍ତି

**ପ୍ରାସଙ୍ଗିକତା /ପ୍ରଯୁଜ୍ୟତା :** ନିର୍ଦ୍ଦିଷ୍ଟ ଲକ୍ଷ ସ୍ଥଳରେ ପହଞ୍ଚିବା ହେଉଛି ଆପଣଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ଗୋଟିଏ ଚାଷ ପୋଖରୀ ବିଷୟରେ ଆପଣ ଚିନ୍ତା କରିବେ ତେବେ ପ୍ରକୃତରେ ଏହା ଆପଣଙ୍କ ରୋଜଗାର ବଢେଇବାରେ ସାହାଯ୍ଯ କରିବ, ଯାହା ଗୋଟିଏ ଭଲ ଲକ୍ଷ ହାସଲ କରିବା । ଯଦି ଆପଣ ପ୍ରକୃତରେ ନିଶ୍ଚିତ ନୁହନ୍ତି ତେବେ ଏହା ଆପଣଙ୍କର ସଠିକ ଲକ୍ଷ ନୁହେଁ ।

**ସମୟ ଅବଧି :** ଏହାର ଅର୍ଥ ହେଲା ନିର୍ଦ୍ଦିଷ୍ଟ ଲକ୍ଷସ୍ଥଳ ରେ ପହଞ୍ଚିବା ପାଇଁ ସମୟ ର ଅବଧି / ସମୟ ନିରଘଣ୍ଟ ଠିକ କରିବା କଥା । ଉଦାହରଣ ସ୍ୱରୂପ-ପଲ୍ଲି ସଭା ଆୟୋଜନ ହେବା ପୂର୍ବରୁ କିମ୍ବା ପରବର୍ତୀ ବର୍ଷ ପାଇଁ ନରେଗା ଆସେଟ ର କାର୍ଯ୍ୟାଦେଶ ବିଷୟରେ ନିସ୍ପତି ହେବା ପୂର୍ବରୁ । କିମ୍ବା ମୁଁ ମୋ ସ୍ୱାମୀ ଙ୍କ ସହିତ , ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିବା ପାଇଁ ଚାହୁଛି କିମ୍ବା ଆସନ୍ତା 3 ମାସ ଭିତରେ ନରେଗା ଯୋଜନା ବୁଝାବୁଝି କରୁଥିବା ଅଧିକାରୀ / ବ୍ୟକ୍ତି ଙ୍କ ସହିତ ମୋର ଇଛା / ଧାରଣ / ମତାମତ ବିଷୟରେ ଆଲୋଚନା କରିବା ପାଇଁ ଚାହୁଁଛି । ତେଣୁ ଜୀବନରେ ନିଜର ପ୍ରତ୍ଯେକ ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ସମୟ ର ଅବଧି ସ୍ଥିର କରିବା ଦରକାର ।

ତେଣୁ ନିର୍ଦ୍ଦିଷ୍ଟ ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ନିଜର ଚିନ୍ତାଧାରା ଅନୁସାରେ ଗୋଟିଏ ଭଲ ଯୋଜନା କରିବା ଦରକାର ଏବଂ କାର୍ଯ୍ୟ ହାସଲ କରିବା ଦରକାର । କାର୍ଯ୍ୟ ଟି ହାସଲ କରି ସାରିଲା ପରେ ନିଜେ ଗର୍ବ ଅନୁଭବ କରିବେ

## କାର୍ଯ୍ୟକ୍ରମ :

- ମହାତ୍ମାଗାନ୍ଧି ନରେଗା ଯୋଜନାର ବିଭିନ୍ନ ଆସେଟ ବାଛିବା ପଦ୍ଧତିରେ ଅଂଶଗ୍ରହଣ କରି ସ୍ୱର ଉତୋଳନ କରିବାପାଇଁ ପ୍ରତ୍ୟେକ ମହିଳା ମାନଙ୍କୁ ଉତ୍ସାହିତ କରିବା ଦରକାର । ଏହା କେବଳ ସିଧାସଳଖ ନକ୍ସା ଅଙ୍କନ ଦ୍ୱାରା ସମ୍ଭବ କରାଯାଇପାରେ , ମହିଳା ମାନେ ନକ୍ସା ଅଙ୍କନ ଦ୍ୱାରା କେଉଁ ଆସେଟ ଟି ସେମାନଙ୍କ ପାଇଁ ଉପକାରରେ ଆସିବ ତାହା ଚିନ୍ତା କରିପାରିବେ ।
- **ନିର୍ଦ୍ଦିଷ୍ଟ ଲକ୍ଷ ର କିଛି ଉଦାହରଣ ହୋଇପାରେ :**
    - ଏହି ବର୍ଷ ପାଇଁ ମୋ ଘର ଏବଂ ପଡ଼ିଶା ଘର ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୋଟିଏ ନୂଆ ପୋଖରୀ କରିବା ପାଇଁ ପଲ୍ଲି ସଭା ରେ ପ୍ରସ୍ତାବ ରଖିବାକୁ ଚାହେଁ ।
    - ଏହି ବର୍ଷ ପଲ୍ଲି ସଭାରେ ଅଂଶଗ୍ରହଣ କରିବାକୁ ଚାହେଁ ଏବଂ ଯେଉଁ ଆସେଟ ଟି ଗାଁ ଲୋକଙ୍କ ପାଇଁ ଲାଭଦାୟକ ହେବ/ କାମରେ ଆସିବ ସେହି ଆସେଟ ସପକ୍ଷରେ କହିବି/ ମତ ରଖିବି / ଆଲୋଚନା କରିବାକୁ ଚାହେଁ
    - ଆସନ୍ତା ବର୍ଷ ପଲ୍ଲୀସଭାରେ ଗାଁ ରେ କି ପ୍ରକାର ଆସେଟ କରାଯିବ ସେ ବିଷୟରେ ନରେଗା ଯୋଜନାର ଦାୟିତ୍ୱ ରେ ଥିବା ଅଧିକାରୀଙ୍କ ସହିତ କଥା ହେବା/ ଆଲୋଚନା କରିବା / ପ୍ରସ୍ତାବ ରଖିବା ପାଇଁ ଚାହେଁ ।

# F) ସର୍ବସାଧାରଣ ସମ୍ମୁଖରେ କହିବାର ଅଭିନୟ କରିବା

*** ସଂପୂର୍ଣ୍ଣ କରିବା ପାଇଁ 35-40 ମିନିଟ ଲାଗିବ**

## ଉଦ୍ଦେଶ୍ୟ :

ଆଲୋଚନା ର ଏହି ଅଂସ ଟି ହେଲା  ନରେଗା ଯୋଜନାର ବିଭିନ୍ନ ଆସେଟ ବିଷୟରେ ମହିଳା ମାନଙ୍କୁ  ନିଜର ମତ ସହଜରେ ଉପସ୍ଥାପନ  କରିବା ର ଅଭ୍ଯାସ କରାଇବା ବିଷୟ । ଏହି ବିଭାଗ ର ମଧ ଉଦ୍ଦେଶ୍ୟ ହେଲା ଗାଁ / ଗୋଷ୍ଠୀର ବିଭିନ୍ନ  ପ୍ରକାର ଲୋକମାନଙ୍କର  ମହିଳା ମାନଙ୍କ ପ୍ରତି  ଥିବା ପ୍ରତିକ୍ରିୟା ବିଷୟରେ ମହିଳା ମାନେ ଭାବିବା , ଚିନ୍ତା କରିବାରେ  ସାହାଜ୍ଯ କରିବା ଏବଂ ସେମାନଙ୍କର ପ୍ରଶ୍ନ ର  ଉତର କିପରି ଦେବାର ଯୋଜନା । ଏହି ମୋଡୁଲ ଟି ରେ ପ୍ରସ୍ତାବ ଉପସ୍ଥାପନ କରିବା ର କୌଶଳ / କହିବାର ଭୂମିକା/ ଶୈଳୀ ଅନ୍ତର୍ଭୁକ୍ତ । ପ୍ରତ୍ଯେକ ମହିଳା ଅଭିନୟ କରିବା ଶିଖିବେ ଯଥା- 1- ସେ ନିଜେ ,2-ଗାଁ ର ମୁଖିଆ/ ଅଧିକାରୀ,3-ତାଙ୍କର ସ୍ଵାମୀ ,4-ଜଣେ ସାଙ୍ଗ । ସେମାନେ କିପରି ଅଭିନୟ କରିବେ ତାହା ନିମ୍ନରେ ଦର୍ଶା ଯିବା  ସଙ୍ଗେ ସଙ୍ଗେ ପ୍ରଶିକ୍ଷଣ ସମୟରେ 4 ଜଣରୁ ଅଧିକା ହେଲେ କିମ୍ବା କମ ହେଲେ କଣ କରାଯିବ ତାହା ମଧ ଦର୍ଶାଯାଇଅଛି

## କାର୍ଯ୍ୟକ୍ରମ :

- ସମସ୍ତଙ୍କୁ ଛିଡା ହେବାପାଇଁ କୁହନ୍ତୁ/ ଉଶ୍ଚାହିତ କରନ୍ତୁ । ଏହି କାର୍ଜ୍ୟକ୍ରମ ରେ ପ୍ରତ୍ଯେକ ମହିଳା ବିଭିନ୍ନ  ଭୂମିକାରେ ଅଭିନୟ କରିବେ ।  ଖେଳ ଆରମ୍ଭ କରିବା ପୂର୍ବରୁ କେଉଁ ମହିଳା କି ଭୂମିକା ରେ ଅଭିନୟ କରିବେ ତାଙ୍କୁ ବୁଝାଇଦିଅନ୍ତୁ ଏବଂ ସେମାନେ କଣ କହିବେ କିମ୍ବା କଣ କଣ କରିବେ କହିଦିଅନ୍ତୁ ।
  - ପ୍ରଥମ ମହିଳା ନିଜେ ଅଭିନୟ  ଆରମ୍ଭ କରିବା ଦରକାର : ସେ ତାଙ୍କର ନିଜ ପସନ୍ଦ ର ଆସେଟ ବିଷୟରେ  ତାଙ୍କ ସଂସର୍ପରେ ଆସୁଥିବା  ଲୋକମାନଙ୍କ ସହିତ ଏବଂ ତାଙ୍କ ଗାଁ ଲୋକମାନଙ୍କ ସହିତ କଥାବର୍ତା କରିବେ
  - ଦିତୀୟ ମହିଳା ଗାଁ ର ଜଣେ  ଅଧିକାରୀ ହିସାବରେ ଅଭିନୟ କରିବେ ।  ମହିଳା ଜଣକ ନରେଗା ଯୋଜନାର ଅଧିକାରୀ କିମ୍ବା  ଆସେଟ ବାଛିବା ପଦ୍ଧତି ରେ ଅନ୍ୟ ଗାଁ ର ଜଣେ ମୁଖିଆ ଭାବରେ ଅଭିନୟ କରିପାରିବେ( ଉଦାହରଣ- **ସରପଞ୍ଚ )**

- o ତୃତୀୟ ମହିଳା ଜଣକ ପ୍ରଥମ ମହିଳାଙ୍କ ସ୍ୱାମୀ ହିସାବରେ, ଶାଶୁ ହିସାବରେ କିମ୍ବା ଅନ୍ୟ ପ୍ରଥମ ମହିଳାଙ୍କ ଘରେ ରହୁଥିବା ଅନ୍ୟ ଜଣେ  ପରିବାରର ସଦସ୍ୟ ହିସାବରେ ଅଭିନୟ କରିବେ
  - o ଚତୁର୍ଥ ମହିଳା ଜଣକ ପ୍ରଥମ ମହିଳାଙ୍କ ସାଙ୍ଗ ହିସାବରେ ଅଭିନୟ କରିବେ
  - o ଯଦି 4 ଜଣ ମହିଳା ରୁ ଅଧିକ ହୁଅନ୍ତି ତେବେ ଅନ୍ୟ ମହିଳା ଜଣକ ସାଙ୍ଗ କିମ୍ବା ପଡୋଶୀ ହିସାବରେ ଅଭିନୟ କରିବେ। ଯଦି ଦରକାର ପଡେ ତେବେ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଭୂମିକାରେ ଅଭିନୟ କରିପାରିବେ
  - o ଯଦି 4 ଜଣ ମହିଳା ରୁ କମ ହୁଅନ୍ତି ତେବେ କାର୍ଯ୍ୟକ୍ରମ ସମ୍ପାଦନ କରୁଥିବା ବ୍ୟକ୍ତି ଜଣକ ସାଙ୍ଗ ହିସାବରେ ଅଭିନୟ କରିବେ
- ବର୍ତମାନ ଅଭିନୟ ଟି  ପ୍ରଥମ ମହିଳା ଆରମ୍ଭ କରିବେ । ସେ ଅନ୍ୟ ମହିଳା ମାନଙ୍କୁ  କି ପ୍ରକାର ଆସେଟ  ପାଇଁ  ସେ କହୁଛନ୍ତି ,ସେ ବିଷୟରେ ପଚାରିବେ । ସମ୍ପାଦନକାରୀ ତାଙ୍କୁ କହିବେ : ଧରିନିଅନ୍ତୁ ଆପଣ  ଗୋଟିଏ ଆସେଟ ପାଇବା ପାଇଁ ଅନୁରୋଧ କରିବାପାଇଁ ଯୋଜନା କରୁଛନ୍ତି ,  ଏଠାରେ ଉପସ୍ଥିତ ଥିବା ସଦସ୍ୟ ମାନଙ୍କ ମଧ୍ୟରୁ ପ୍ରଥମେ କାହା ସହିତ ଆସେଟ ବିଷୟରେ ଆଲୋଚନା କରିବେ / କାହାକୁ କହିବେ ( ଗାଁର ଅଧିକାରୀ/ ମୁଖିଆ , ଆପଣଙ୍କ ପରିବାରର ସଦସ୍ୟ , ଆପଣଙ୍କ ସାଙ୍ଗ / ପଡୋଶୀ )।
- ପ୍ରଥମ ମହିଳା ଜଣକ ସେମାନଙ୍କ ଭିତରୁ ଯାହାକୁ ପ୍ରଥମେ  ଅନୁରୋଧ କରିବା ପାଇଁ ବାଛିବେ ତାଙ୍କ ଉତର କୁ  ବଡ ପାଟିରେ କହିବେ । ଅନ୍ୟ ମହିଳା ଜଣକ ସଙ୍ଗେ ସଙ୍ଗେ ପଚାରିବେ : ତୁମେ  କିପରି ଭାବୁଛ ଯେ ସେ ତୁମ ଅନୁରୋଧ କୁ କାର୍ଯ୍ୟକାରୀ କରିବେ / ତୁମ କଥା ଶୁଣିବେ ? ଉଦାହରଣ- ଏହି ବ୍ୟକ୍ତି ଜଣକ ତାଙ୍କୁ ସାହାଯ୍ଯ କରିବେ ଏବଂ ତାଙ୍କୁ ଉତ୍ସାହିତ କରିବେ , ସର୍ବସାଧାରଣ  ମିଟିଂ ରେ ସେ କହିଦେବ ବୋଲି  ବ୍ୟସ୍ତ ହୁଅନାହିଁ, କିଛି ଶୁଣ  ନାହିଂ କିମ୍ବା  ତା  କଥାକୁ ଏତେ ଗୁରୁତ୍ୱ ଦିଅ ନାହିଂ ।  ଅନ୍ୟ ମହିଳା ଜଣକ ଏହି ପ୍ରକାର ଅଭିନୟ କରିବେ
- ପ୍ରଥମ ମହିଳା ଜଣକୁ କୁହାଯିବ - ବର୍ତମାନ ଆପଣ କଣ କରିବେ  ? ଆପଣ ଉପସ୍ଥିତ ଥିବା ଅନ୍ୟ  ଯେ କୌଣସି ଲୋକ ମାନଙ୍କ ପାଖକୁ ଯାଇ କହିବେକି
  - o **ଉଦାହରଣ :** ଯଦି ତୁମେ ଗାଁ ର ଅଧିକାରୀଙ୍କ ପାଖକୁ ପ୍ରଥମେ ଗଲ , କିନ୍ତୁ ଆମେ ସମସ୍ତେ ଭାବିଲୁ ଯେ  ଯଦି ସେ ତୁମ କଥାକୁ ଏତେ ଟା ଗୁରୁତ୍ୱ ଦେବେ ନାହିଂ , ତୁମେ କଣ ତୁମର ସ୍ୱାମୀ କିମ୍ବା ସାଙ୍ଗ ଙ୍କୁ କହିବ ଯିଏ ତୁମକୁ ସାହାଯ୍ଯ କରିପାରିବେ?
- ଘର ଭିତରେ ଅପେକ୍ଷା କର ଯେ ପର୍ଯ୍ୟନ୍ତ ପ୍ରଥମ ମହିଳା  ବିଭିନ୍ନ ଅଭିନୟ କରୁଥିବା  ଅନ୍ୟ

ମହିଳା ମାନଙ୍କ ସହିତ କଥା ହୋଇନାହାନ୍ତି / ଆୟଚନା କଫରିନାହାନ୍ତି , ଅପେକ୍ଷା କରନ୍ତୁ ସେମାନେ କିପରି ଉତର ରଖୁଛନ୍ତି  ଏବଂ ତା  ପରେ ନିସ୍ୱତି ନିଅନ୍ତୁ ତାଙ୍କ ଉତର ର  କିପରି ଜବାବ  ଦେବ

- ଯେ ପର୍ଯ୍ୟନ୍ତ ସମୟ ସରିନାହିଁ ସେ  ପର୍ଯ୍ୟନ୍ତ ଅନ୍ୟ ମହିଳା ମାନେ ପ୍ରଥମ ମହିଳାଙ୍କ ଅଭିନୟ ଜାରି ରଖନ୍ତୁ । ଯେତେ ଜଣ ମହିଳା  ଚାହିଁ ବେ ସମସ୍ତେ ଏହି ଅଭିନୟ ଟି କୁ ଅଭ୍ଯାସ କରିପାରନ୍ତି ।